



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୬୭ ● ୪ ଅପ୍ରେଲ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-67 ● 4th April 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24

## ସତର୍କତା ବଢ଼ାଇଲେ ନିର୍ବାଚନ କମିଶନ

# ଓଡ଼ିଶା ସମେତ ୬ ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

**ନୂଆଦିଲ୍ଲୀ, ୩/୪**

ନିର୍ବାଚନ ପ୍ରକ୍ରିୟାକୁ କଡ଼ା ସତର୍କତାର ସହ ତଦାରଖ କରିବା ପାଇଁ ନିର୍ବାଚନ କମିଶନ ଉତ୍ତମ ଟ୍ରାକ୍ ରେକର୍ଡ ଥିବା ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଅର୍ଥ, ବାହୁବଳ ପ୍ରୟୋଗ ଓ ଭୁଲ ସୂଚନା ପ୍ରସାରଣ ଦ୍ୱାରା ସୃଷ୍ଟି ହେଉଥିବା ଆହ୍ୱାନର ମୁକାବିଲା ଉପରେ ଧ୍ୟାନ ଦେବେ। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ସାଧାରଣ ଓ ପୁଲିସ) ମୁତୟନ କରାଯାଇଛି। ଏହାବ୍ୟତୀତ ନିର୍ବାଚନ ସମ୍ବନ୍ଧୀୟ ବ୍ୟୟ ଉପରେ ନଜର ରଖିବା ପାଇଁ ନିର୍ବାଚନ ଆୟୋଗ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ,





ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରିଛନ୍ତି। ଓଡ଼ିଶା ନିମନ୍ତେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପ୍ରଶାସକ ଯୋଗେନ୍ଦ୍ର ତ୍ରିପାଠୀ, ପୁଲିସ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ସ୍ୱତନ୍ତ୍ର ବ୍ୟୟ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ଆଇଆରଏସ୍ ଅଧିକାରୀ ହିମାଳିନୀ କାଶ୍ୟପଙ୍କୁ ନିଯୁକ୍ତି ଦିଆଯାଇଥିବା ବୁଧବାର ନିର୍ବାଚନ ଆୟୁକ୍ତଙ୍କ ବିଜ୍ଞପ୍ତିରେ ସୂଚୀତ କରାଯାଇଛି।

ଅନ୍ୟପକ୍ଷରେ ବିଜେପି ନେତା ଦିଲୀପ ଘୋଷ ଓ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତ ମହିଳାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ନିର୍ବାଚନ ଆୟୋଗ ସେମାନଙ୍କୁ ନିନ୍ଦା କରିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ବୋଲି ବିବେଚନା କରାଯାଉଥିବା ଅପମାନଜନକ ମନ୍ତବ୍ୟ ପାଇଁ ନିର୍ବାଚନ ଆୟୋଗ ଦୁଇଜଣଙ୍କୁ ଚେତାବନୀ ଦେଇଛନ୍ତି। ଆୟୋଗ କହିଛନ୍ତି ଯେ ସେମାନଙ୍କ ମନ୍ତବ୍ୟ ଏକ ନିମ୍ନସ୍ତରୀୟ ବ୍ୟକ୍ତିଗତ ଆକ୍ରମଣ ଏବଂ ଆଚରଣବିଧିର ବ୍ୟବସ୍ଥାକୁ ଉଲ୍ଲଂଘନ କରିଛି।

# ମାଳଦ୍ୱୀପରେ ନୌସେନା ଘାଟୀ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି ଚୀନ, ଭାରତର ବଢ଼ିଲା ଚିନ୍ତା

**ମାଲେ, ୩/୪**

ମାଳଦ୍ୱୀପରେ ମହମ୍ମଦ ମୁଇଜ୍ଜୁ କ୍ଷମତାକୁ ଆସିବା ପରେ ଚୀନର ସକ୍ରିୟତା ବୃଦ୍ଧି ପାଇଛି। ଚୀନ ମାଳଦ୍ୱୀପରେ ଏକ ନୌସେନା ଘାଟୀ ପ୍ରତିଷ୍ଠା କରିବାକୁ ଯୋଜନା କରୁଥିବାରୁ ଭାରତ ଚିନ୍ତିତ ହୋଇପଡ଼ିଛି।

ମାଳଦ୍ୱୀପରେ ଏକ ନୌସେନା ଘାଟୀ ଏବଂ ରାଡାର ଷ୍ଟେସନ ସ୍ଥାପନ କରିବାକୁ ଚୀନ ଚେଷ୍ଟା କରୁଛି। ଏଥିପାଇଁ ଅବଦୁଲ୍ଲା ୟାମିନଙ୍କ ଶାସନ କାଳରେ ଏକ ଦ୍ୱୀପକୁ ୯୯ ବର୍ଷ ପାଇଁ ଲିଜ୍‌ରେ ନେଇଥିଲା ଚୀନ୍। ଭାରତ ସମର୍ଥକ ଇବ୍ରାହିମ ମହମ୍ମଦ ସୋଲିହଙ୍କ ଶାସନ କାଳରେ ଚୀନକୁ ଏହି ଦ୍ୱୀପରେ ସାମରିକ କାର୍ଯ୍ୟକଳାପ ଆରମ୍ଭ କରିବାର ସୁଯୋଗ ମିଳିନଥିଲା, କିନ୍ତୁ ମୁଇଜ୍ଜୁ ରାଷ୍ଟ୍ରପତି ହେବା ମାତ୍ରେ ଏହି ଦ୍ୱୀପ ପୁଣି ଥରେ ଚର୍ଚ୍ଚାକୁ ଆସିଛି।

ମାଳଦ୍ୱୀପର ମୁଖ୍ୟ ବିରୋଧୀ ଦଳ ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି (ଏମଡିପି)ର ଅଧ୍ୟକ୍ଷ ଫୟାଜ୍ ଇସ୍ମାଇଲ୍ ଅଭିଯୋଗ କରିଛନ୍ତି ଯେ ମୁଇଜ୍ଜୁ ସରକାର ଉଥୁରୁ ଥିଲା ଫାଲହୁ ଦ୍ୱୀପରେ କୃଷି କାର୍ଯ୍ୟକଳାପ ଆଳରେ ସାମରିକ ଭିତ୍ତିଭୂମି ବିକଶିତ କରିବାକୁ ଏକ ଚୀନ୍ କମ୍ପାନୀକୁ ଅନୁମତି ଦେଇଛନ୍ତି।





ଆଗାମୀ ସଂସଦୀୟ ନିର୍ବାଚନ ପାଇଁ ଆୟୋଜିତ ଏମଡିପିର ଏକ ରାଲିରେ ଫୟାଜ ଏହି ଅଭିଯୋଗ ଆଣିଛନ୍ତି। କୃଷି ପାଇଁ ଅନୁପଯୁକ୍ତ ପଥୁରିଆ ଜମିରେ ଚାଷ କରିବାର ପ୍ରୟାସକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ମାଳଦ୍ୱୀପରେ କୃଷି ଉଦ୍ଦେଶ୍ୟରେ ପୂର୍ବରୁ ବିପୁଳ ଜମି ରହିଛି। ଏଭଳି ପରିସ୍ଥିତିରେ ଚୀନ୍ କମ୍ପାନିକୁ କାହିଁକି ପଥୁରିଆ ଜମିରେ ଚାଷ କରିବାକୁ ଅନୁମତି ଦିଆଯାଉଛି।

## ୫ ଲୋକସଭା ଆସନ ପାଇଁ ବିଜେଡ଼ିର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ ତୃତୀୟ ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଏହି ଟିକେଟ୍ ଘୋଷଣା କରିଛନ୍ତି। ବଲାଙ୍ଗୀର ଲୋକସଭା କ୍ଷେତ୍ର ପାଇଁ ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂ ଭୋଇଙ୍କୁ ଟିକେଟ୍ ମିଳିଛି। ଭଦ୍ରକରେ ମଞ୍ଜୁଲତା ମଣ୍ଡଳ, ବରଗଡ଼ରେ ପରିଣୀତା ମିଶ୍ର, ବ୍ରହ୍ମପୁରରେ ଭୃଗୁ ବକ୍ସିପାତ୍ର ଓ କେନ୍ଦୁଝର ଧନୁର୍ଜୟ ସିଦ୍ଧୁଙ୍କୁ ବିଜେଡି ଟିକେଟ୍ ଦେଇଥିବା ବେଳେ ବାଲେଶ୍ୱର ପାଇଁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନାହିଁ।

ସୂଚନାଯୋଗ୍ୟ ବିଜେଡି ପୂର୍ବରୁ ୨ଟି ପର୍ଯ୍ୟାୟରେ ୧୫ଟି ଲୋକସଭା ଆସନରେ ପ୍ରାର୍ଥୀ ଘୋଷଣା କରିଥିଲା। ଭୁବନେଶ୍ୱର ଲୋକସଭା କ୍ଷେତ୍ରରୁ ମନ୍ମଥ ରାଉତରାୟ ଟିକେଟ ପାଇଛନ୍ତି। କଟକରୁ ସଂତୃପ୍ତ ମିଶ୍ର, ଢେଙ୍କାନାଳରୁ ଅବିନାଶ ସାମଲ, ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡିରୁ ଲମ୍ବୋଦର ନିଆଳ, ନବରଙ୍ଗପୁରରୁ ପ୍ରଦୀପ ମାଝୀ, କୋରାପୁଟରୁ କୌଶଲ୍ୟା ହିକ୍‌କା, କନ୍ଧମାଳରୁ ଡ.ଅଚ୍ୟୁତ ସାମନ୍ତ, ଆସିକାରୁ ରଞ୍ଜିତା ସାହୁ, ପୁରୀରୁ ଅରୂପ ପଟ୍ଟନାୟକ, ଜଗତସଂହପୁରରୁ ରାଜଶ୍ରୀ ମଲ୍ଲିକ, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି ଓ ଯାଜପୁରରୁ ଶର୍ମିଷ୍ଠା ସେଠୀ ବିଜେଡି ଟିକେଟରେ ନିର୍ବାଚନ ଲଢିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

# ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତାଲିକା ଜାରି କଲା ବିଜେଡ଼ି

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳ (ବିଜେଡ଼ି) ବୁଧବାର ସନ୍ଧ୍ୟାରେ ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ୨୭ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ଘୋଷଣା ଅନୁସାରେ ବ୍ରଜରାଜନଗରରୁ ପୁଣି ଥରେ ଅଳକା ମହାନ୍ତି ଟିକେଟ୍ ପାଇଛନ୍ତି। ସେହିପରି ବିଜେଡି ଦୀପାଳି ଦାସଙ୍କୁ ପୁଣି ଥରେ ଝାରସୁଗୁଡ଼ାରେ ଟିକେଟ୍ ଦେଇଛି। ବିଜେଡି ଟିକେଟରେ ତଳସରାରୁ ବିଜୟ ଟପ୍ପୋ, ସୁନ୍ଦରଗଡ଼ରୁ ଯୋଗେଶ ସିଂହ, ରାଜଗାଙ୍ଗପୁରରୁ ଅନୀଲ ବରୁଆ, ବଣାଇଁରୁ ଭୀମସେନ ଚୌଧୁରୀ ନିର୍ବାଚନ ଲଢ଼ିବେ।

ସେହିପରି ଯଶୀପୁରରେ ବିଜେଡି ଟିକେଟରେ ଚକ୍ରଧର ହେମ୍ବ୍ରମ ନିର୍ବାଚନ ଲଢ଼ିବେ। ଉଦଳାରେ ଶ୍ରୀନାଥ ସୋରେନ, ବାରିପଦାରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବଡ଼ସାହିରେ ଅନୁସୂୟା ପାତ୍ର, ମୋରଡ଼ାରେ ପ୍ରୀତିନନ୍ଦା କାନୁନଗୋ, ସୋରରେ ମାଧବ ଧଡ଼ା, ଆଠମଲ୍ଲିକରେ ନଳିନୀକାନ୍ତ ପ୍ରଧାନ, ବୀରମହାରାଜପୁରରେ ପଦ୍ମନାଭ ବେହେରା, ଖରିଆରରେ ଅଧୀରାଜ ପାଣିଗ୍ରାହୀ, ଫୁଲବାଣୀରେ ଜୟଶ୍ରୀ କହଁର, ମାହାଙ୍ଗାରେ ଅଙ୍କିତ ପ୍ରତାପ ଜେନା, ତିର୍ତ୍ତୋଲରେ ରମାକାନ୍ତ ଭୋଇଙ୍କୁ ବିଜେଡି ଟିକେଟ ମିଳିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତସିଂହପୁରରେ ପ୍ରଶାନ୍ତ କୁମାର ମୁଦୁଲି, ଭୁବନେଶ୍ୱର (ଉତ୍ତର)ରେ ସୁଶାନ୍ତ ରାଉତ, ଭୁବନେଶ୍ୱର (ଏକାମ୍ର)ରେ ଅଶୋକ ଚନ୍ଦ୍ର ପଣ୍ଡା, ଖଲିକୋଟରେ ସୂର୍ଯ୍ୟମଣୀ ବୈଦ୍ୟ, ଆସିକାରେ ମଂଜୁଳା ସ୍ୱାଇଁ, ବ୍ରହ୍ମପୁରରେ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପାରଳାଖେମୁଣ୍ଡିରେ ରୂପେସ ପାଣିଗ୍ରାହୀ, ମୋହନାରେ ଅନ୍ତର୍ଯ୍ୟାମୀ ଗମାଙ୍ଗୋ ଓ ପଟ୍ଟାଙ୍ଗୀରେ ପ୍ରଫୁଲ୍ଲ ପାଙ୍ଗୀଙ୍କ ଉପରେ ଭରସା କରିଛନ୍ତି।

ସୂଚନାଯୋଗ୍ୟ, ବିଧାନସଭା ନିର୍ବାଚନ ପାଇଁ ବିଜେଡି ପ୍ରଥମ ଦଫାରେ ୭୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଜଣଙ୍କୁ ଟିକେଟ୍ ମିଳିବା ପରେ ଏବେ ବାକି ୪୮ଟି ଆସନରେ କାହାକୁ ମିଳିବ ଦଳୀୟ ଟିକେଟ ସେନେଇ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

## ଗତ ୨୫ ବର୍ଷ ଭିତରେ ସବୁଠାରୁ ଶକ୍ତିଶାଳୀ

# ତାଇୱାନରେ ୭.୨ ତୀବ୍ରତା ବିଶିଷ୍ଟ ଭୂକମ୍ପ



**ନୂଆଦିଲ୍ଲୀ, ୩/୪**

ବୁଧବାର ଦିନ ତାଇୱାନରେ ରିକ୍ଟର ସ୍କେଲରେ ୭.୪ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ହୋଇ ଜାପାନର ୟୋନାଗୁନି ଦ୍ୱୀପରେ ସୁନାମୀ ସୃଷ୍ଟି ହୋଇଛି। ୧୯୯୯ ମସିହାରେ ହୋଇଥିବା ୭.୨ ତୀବ୍ରତା ବିଶିଷ୍ଟ ଭୂକମ୍ପଠାରୁ ବି ଏହା ଅଧିକ ଶକ୍ତିଶାଳୀ। ୨୫ ବର୍ଷ ଭିତରେ ତାଇୱାନରେ ଅନୁଭୂତ ହୋଇଥିବା ସବୁଠାରୁ ଅଧିକ ଶକ୍ତିଶାଳୀ ଭୂକମ୍ପରେ ପ୍ରାୟ ୨୫୦୦ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୧୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଭୂକମ୍ପରେ ଘର, ଅଫିସ ଆଦି ଭୁଶୁଡ଼ି ପଡ଼ିବା ସହ ବହୁ କ୍ଷୟକ୍ଷତି ହୋଇଛି। ସେପଟେ ତାଇୱାନର ପୂର୍ବ ସହର ହୁଆଲିନରେ ଥିବା କୋଠାଗୁଡ଼ିକର ଭିତ୍ତିପ୍ରସ୍ତର ଭୂମିକମ୍ପରେ ଦୋହଲି ଯାଇଛି। ରାଜଧାନୀ ତାଇପେରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା। ତାଇୱାନରେ ବୁଧବାର ସକାଳେ ଅନୁଭୂତ ହୋଇଥିବା ଏହି ଶକ୍ତିଶାଳୀ ଭୂକମ୍ପରେ ସମଗ୍ର ଦ୍ୱୀପ ଦୋହଲି ଯାଇଛି। ଜାପାନ ଦକ୍ଷିଣ ଦ୍ୱୀପ ଗୋଷ୍ଠୀ ଓକିନାୱା ପାଇଁ ସୁନାମୀ ସତର୍କ ସୂଚନା ଜାରି କରିଛି। ଏଠାରେ ବିମାନ ଉଡ଼ାଣ ବାତିଲ କରାଯାଇଛି। ଫିଲିପାଇନ୍ସ ମଧ୍ୟ ସୁନାମୀ ନେଇ ସତର୍କ କରାଇବା ସହ ଉପକୂଳବର୍ତ୍ତୀ ଅଞ୍ଚଳକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି। ଜାପାନ ପାଣିପାଗ ଏଜେନ୍ସି ପୂର୍ବାନୁମାନ କରିଛି ଯେ ଭୂମିକମ୍ପ ପରେ ୯.୮ ଫୁଟ ପର୍ଯ୍ୟନ୍ତ ସୁନାମୀ ଆସିବ। ପ୍ରାୟ ଅଧଘଣ୍ଟା ପରେ କୁହାଯାଇଛି ଯେ ସୁନାମୀର ପ୍ରଥମ ଲହର ମିଆକୋ ଏବଂ ୟେୟାମା ଦ୍ୱୀପପୁଞ୍ଜ ଉପକୂଳ ଛୁଇଁସାରିଛି।

# ଭୂମିକମ୍ପ ସମୟରେ ତାଇୱାନକୁ ଯୁଦ୍ଧ ବିମାନ ଓ ଜାହାଜ ପଠାଇଲା ଚୀନ



**ତାଇପେଇ, ୩/୪**

ଗୋଟିଏ ପଟେ ପ୍ରଳୟଙ୍କରୀ ଭୂମିକମ୍ପ ଯୋଗୁଁ ତାଇୱାନ ଆତଙ୍କିତ ଅବସ୍ଥାରେ ଥିବାବେଳେ ଚୀନ ତାହାର ପ୍ରକୃତ ରୂପ ଦେଖାଇଛି। ଏହି ବିପଦ ସମୟରେ ଚୀନ ନିଜର ଯୁଦ୍ଧ ବିମାନ ଓ ଯୁଦ୍ଧ ଜାହାଜ ତାଇୱାନ ନିକଟକୁ ପଠାଇଛି। ତାଇୱାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ଏହାର ସୀମା ନିକଟରେ ଚୀନର ୩୦ଟି ଲଢୁଆ ବିମାନ ଏବଂ ୯ଟି ନୌସେନା ଜାହାଜ ଠାବ କରାଯାଇଛି। ଭୂମିକମ୍ପର ଏକ ଘଣ୍ଟା ପରେ ତାଇୱାନ ଏହା ଦାବି କରିଛି। ତାଇୱାନ ଦାବି କରିଛି ଯେ ୨୪ ଘଣ୍ଟା ମଧ୍ୟରେ ନିଜ ପରିସରକୁ ଆସିଥିବା ଜାହାଜ ସଂଖ୍ୟା ଚଳିତ ବର୍ଷ ସର୍ବାଧିକ। ଚୀନ୍ ବାରମ୍ବାର ତାଇୱାନକୁ ନିଜର ଅଞ୍ଚଳ ବୋଲି ଦାବି କରିବା ସହ ସେନାର (ପୃଷ୍ଠା ୭ରେ)

# ୬ ତାରିଖ ମଧ୍ୟରେ ତାପମାତ୍ରା ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ଖରାଦିନ ଆରମ୍ଭ ହେବା ସହିତ ଓଡ଼ିଶା ଏବେ ତତଲା କଡ଼େଇ ପାଲଟିଛି। ମଙ୍ଗଳବାର ମାର୍ଚ୍ଚ ୨ରେ ରାଜ୍ୟର ୭ ସହରର ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ୍ ଥିବାବେଳେ ଆସନ୍ତା ୬ ତାରିଖ ସୁଦ୍ଧା ରାଜ୍ୟର ତାପମାତ୍ରାରେ ୨ରୁ ୩ ଡିଗ୍ରୀ ବୃଦ୍ଧି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏପରି ହେଲେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସହରର ତାପମାତ୍ରା ୪୨ ଡିଗ୍ରୀ ଟପିପାରେ ବୋଲି ପାଣିପାଗ ବିଭାଗ କହିଛି। ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ସରକାର ତଥା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ଜନସାଧାରଣଙ୍କ ପାଇଁ ଆଡଭାଇଜରୀ ଜାରି କରାଯାଇଛି।

ଅଂଶୁଘାତ ମୁକାବିଲା ପାଇଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଡାକ୍ତରଙ୍କ ପରାମର୍ଶରେ ଜୀବଜନ୍ତୁଙ୍କୁ ତରଭୁଜ, ଆଖୁ ଭଳି ସପର ଫ୍ରୁଟ୍ ଏବଂ ଆଣ୍ଟି ହିଟ୍ ମେଡିସିନ ଦିଆଯାଉଛି। ଏନକ୍ଲୋଜରଗୁଡ଼ିକୁ ବାଉଁଶ ତାଟି ଓ ବେଣା ଚେର ସ୍କ୍ରିନରେ ଘୋଡ଼ାଯାଉଛି। ସବୁ ଏନକ୍ଲୋଜରକୁ ୨୪ ଘଣ୍ଟିଆ ପାଣି ବ୍ୟବସ୍ଥା କରାଯାଇଛି।

## ତତଲା କଡ଼େଇରେ ଓଡ଼ିଶା



## ଗାଜାରେ ଇସ୍ରାଏଲର ବିମାନ ଆକ୍ରମଣ ଭାରତୀୟ ମହିଳାଙ୍କ ସମେତ ୬ ମୃତ

**ନୂଆଦିଲ୍ଲୀ, ୩/୪**

ଗାଜାରେ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍ ଘଟଣାରେ ୱାର୍ଲ୍ଡ ସେଣ୍ଟ୍ରାଲ କିଚେନ (ଡବ୍ଲ୍ୟୁସିକେ) ପାଇଁ କାମ କରୁଥିବା ୬ ଜଣ ଅନ୍ତର୍ଜାତୀୟ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ଲାଲଜାବମି ଫ୍ରେଙ୍କକମ୍ ନାମକ ଜଣେ ଭାରତୀୟ ମହିଳା ଅଛନ୍ତି। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜ ଏକ ବିବୃତିରେ ନିଶ୍ଚିତ କରିଛନ୍ତି ଯେ, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ୪୩ ବର୍ଷୀୟ ଫ୍ରେଙ୍କକମ୍ ସାମିଲ ଅଛନ୍ତି ଏବଂ ଏହି ଘଟଣାରେ ଇସ୍ରାଏଲ୍ ସରକାର ସମ୍ପୂର୍ଣ୍ଣ ଦାୟିତ୍ୱଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି ଆନ୍ଥୋନୀ।

ୱାର୍ଲ୍ଡ ସେଣ୍ଟ୍ରାଲ କିଚେନର ମୁଖ୍ୟ କାର୍ଯ୍ୟନିର୍ବାହୀ ଏରିନ ଗୋରେ କହିଛନ୍ତି, ଏହା କେବଳ ଡବ୍ଲୁସିକେ ବିରୋଧରେ ଆକ୍ରମଣ ନୁହେଁ, ଏହା ମାନବିକ ସଂଗଠନଗୁଡ଼ିକ ଉପରେ ଆକ୍ରମଣ, ଯେଉଁଠାରେ ଖାଦ୍ୟକୁ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ସକାଳ



ଦିନ ରାତି ଗୋଇ ଖୋଳା ଖୋଳି
ବକର ବକର ନୀତି
ଏଇ ସବୁ ଗୁଣ ଆମ ନେତାଙ୍କର
ମୂଳଠୁ ଚୂଳ ଭର୍ତ୍ତି
ନାହିଁ ପରା ଅନ୍ୟଗତି
ଏମିତି ଭାବିଲେ ଜନତା ବାପୁଡ଼ା
ଦୁଃଖରେ ଭରିବ ଛାତି

# କଟିଲା ଦୁଇ ଏମ୍‌ପି, ୮ ବିଧାୟକଙ୍କ ଟିକେଟ୍

## ମହିଳା, ଯୁବକ ଓ ନବାଗତଙ୍କୁ ମିଳିଲା ସୁଯୋଗ





**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ଆଗାମୀ ନିର୍ବାଚନ ପାଇଁ ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୭୨ ବିଧାନସଭା ଓ ୧୫ ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ବିଜୁ ଜନତା ଦଳର ତୃତୀୟ ପର୍ଯ୍ୟାୟ ବିଧାନସଭା ଓ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଘୋଷିତ ଏହି ପ୍ରାର୍ଥୀ ତାଲିକା ଅନୁସାରେ କେନ୍ଦୁଝର ଲୋକସଭା ସଦସ୍ୟ ଚନ୍ଦ୍ରାଣୀ ମୁର୍ମୁ ଏବଂ ବ୍ରହ୍ମପୁର ଲୋକସଭା ସଦସ୍ୟ ଚନ୍ଦ୍ରଶେଖର ସାହୁଙ୍କ ଟିକେଟ୍ କଟିଛି, ଅର୍ଥାତ୍ ଏହି ଦୁଇ ଲୋକସଭା ଆସନରେ ଯଥାକ୍ରମେ ଧନୁର୍ଜୟ ସିଦ୍ଧୁ ଓ ଭୃଗୁ ବକ୍ସିପାତ୍ର ବିଜେଡି ପ୍ରାର୍ଥୀଭାବେ ନିର୍ବାଚନ ଲଢିବେ ବୋଲି ଘୋଷଣା କରାଯାଇଛି। ସେହିପରି ବିଜେଡି ବିଧାୟକ ରାଜକିଶୋର ଦାସ (ମୋରଡା), ପର୍ଶୁରାମ ଧଡା (ସୋର), ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ), ଅଙ୍ଗଦ କହଁର (ଫୁଲବାଣୀ), ବିକ୍ରମ ପଣ୍ଡା (ବ୍ରହ୍ମପୁର), ପ୍ରତାପ ଜେନା (ମାହାଙ୍ଗା), ବିଜୟଶଙ୍କର ଦାସ (ତିର୍ତ୍ତୋଲ) ଏବଂ ପ୍ରୀତମ ପାଢୀ (ପଟ୍ଟାଙ୍ଗୀ) ଏହି ସମସ୍ତ ଆଠଜଣ ବିଧାୟକଙ୍କୁ ଏଥର ନିର୍ବାଚନ ଲଢିବାକୁ ସୁଯୋଗ ମିଳିନାହିଁ। (ପୃଷ୍ଠା ୭ରେ)

## ଭାରତୀୟ ଧନୀ ତାଲିକାରେ

# ମୁକେଶ ଅମ୍ବାନୀ ପ୍ରଥମ : ୨ୟରେ ଗୌତମ ଆଦାନୀ

**ନୂଆଦିଲ୍ଲୀ, ୩/୪**

ପ୍ରକାଶ ପାଇଛି 'ଫୋର୍ବସ୍'ର ବାର୍ଷିକ ବିଶ୍ୱ ଶ୍ରେଷ୍ଠ ଧନୀ ତାଲିକା-୨୦୨୪। ଫୋର୍ବସର ଭାରତୀୟ ଧନୀ ତାଲିକାରେ ପୁଣିଥରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତେବେ ମୁକେଶଙ୍କ ତଳେ ଅର୍ଥାତ୍ ଦ୍ୱିତୀୟ ଧନୀ ଭାରତୀୟ ହୋଇଛନ୍ତି ଗୌତମ ଆଦାନୀ। ତେବେ ଚଳିତ ବର୍ଷ ଏହି ତାଲିକାରେ ୨୦୦ ଜଣ ଭାରତୀୟଙ୍କ ନାମ ରହିଛି। ଗତ ବର୍ଷ ତୁଳନାରେ ୩୧ ଜଣ ଅଧିକ ଲୋକଙ୍କ ନାମ ଏହି ତାଲିକାରେ ସାମିଲ ହୋଇଛି।

ଏହି ୨୦୦ ଜଣ ଭାରତୀୟଙ୍କର ମିଳିତ ଧନ ୯୫୪ ବିଲିୟନ ଡ଼ଲାର, ଯାହା ଗତ ବର୍ଷର ୬୭୫ ବିଲିୟନ ଡ଼ଲାର ତୁଳନାରେ ୪୧% ଅଧିକ। ଏହି ତାଲିକାର ଶୀର୍ଷରେ ଅଛନ୍ତି



ମୁକେଶ ଅମ୍ବାନୀ, ତାଙ୍କର ମୋଟ ସମ୍ପତ୍ତି ୮୩ ବିଲିୟନ ଡ଼ଲାରରୁ ଚଳିତ ବର୍ଷ ୧୧୬ ବିଲିୟନ ଡ଼ଲାରକୁ ବୃଦ୍ଧି ପାଇଛି। ଏହା ସହିତ ମୁକେଶ ଅମ୍ବାନୀ ୧୦୦ ବିଲିୟନ ଡଲାର କ୍ଲବରେ ସାମିଲ ହୋଇଥିବା ପ୍ରଥମ ଏସୀୟ (ପୃଷ୍ଠା ୭ରେ)





# ଅଧିକାଂଶ ରୋଗ ପାଇଁ ଓଡ଼ିଶାରେ ନାହିଁ ପରୀକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ହିନ୍ଦୀ ଚଳଚ୍ଚିତ୍ର ଦଙ୍ଗଲର ୧୯ ବର୍ଷୀୟା ଅଭିନେତ୍ରୀ ସୁହାନୀ ଭଟ୍ଟନାଗର ଗତମାସ ଡରମାଟାମାୟୋସିଟିସ ଭଳି ଏକ ବିରଳ ରୋଗରେ ପ୍ରାଣ ହରାଇଲେ। ରାଜଧାନୀର ବିଜେଇଏମ୍ ସ୍କୁଲର ୮ବର୍ଷର ବାଳକ ଶୁଭୋଜିତ ରେଇ ସିଣ୍ଡ୍ରୋମ୍ ଭଳି ଏକ ବିରଳ ରୋଗର ଶିକାର ହୋଇ ମୃତ୍ୟୁବରଣ କଲେ। ଦେଶରେ ଚିହ୍ନଟ ହୋଇଥିବା ୪୫୦ ପ୍ରକାରର ବିରଳ ରୋଗ ଭିତରୁ ଏସବୁ କିଛି ହାତ ଗଣତି ଘଟଣା। ବିରଳ ରୋଗକୁ ନେଇ ଓଡ଼ିଶା ସମେତ ଦେଶରେ କେଉଁଠି ବି ସଚେତନତା ଦେଖିବାକୁ ମିଳୁନାହିଁ। ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଏସବୁ ରୋଗର ଲକ୍ଷଣ ସଂପର୍କରେ ଅଭିଜ୍ଞ ନୁହନ୍ତି। ଚିନ୍ତାଜନକ ଘଟଣା ହେଉଛି, ଓଡ଼ିଶାରେ ଅଧିକାଂଶ ବିରଳ ରୋଗର ପରୀକ୍ଷା ମଧ୍ୟ ହୋଇପାରୁନାହିଁ। ରୋଗ ସମ୍ପର୍କରେ ଜାଣିବାକୁ ହେଲେ ଅନ୍ୟ ରାଜ୍ୟକୁ ନମୁନା ପଠାଇବାକୁ ପଡୁଛି ତାହା ମଧ୍ୟ ବ୍ୟୟସାପେକ୍ଷ। କେବଳ



ଥାଲାସିମିଆ ଓ ସିକିଲସେଲ୍ ଭଳି ରୋଗର ପରୀକ୍ଷା ଓଡ଼ିଶାରେ କରାଯାଉଛି। ବିରଳ ରୋଗର ପରୀକ୍ଷା ପାଇଁ ଆବଶ୍ୟକ ଲ୍ୟାବ୍ ପ୍ରତିଷ୍ଠା ବ୍ୟୟବହୁଳ ହୋଇଥିବାରୁ ରାଜ୍ୟରେ ଘରୋଇ କ୍ଷେତ୍ରରେ ମଧ୍ୟ ସେତେଟା ଆଗ୍ରହ ଦେଖିବାକୁ ମିଳୁନାହିଁ। ବିଶ୍ୱର ଏକ ତୃତୀୟାଂଶ ବିରଳ ରୋଗ କେବଳ ଭାରତରେ ଦେଖିବାକୁ ମିଳିଥାଏ। ୮-୧୦ କୋଟି ଭାରତୀୟ ଏଭଳି ରୋଗରେ ପୀଡ଼ିତ ହେଉଛନ୍ତି। ଡୁ୍ୟସେନ୍ ମସ୍କୁଲାର ଡିଷ୍ଟ୍ରୋଫି(ଡିଏମ୍‌ଡି), ମସ୍କୁଲାର ଡିଷ୍ଟ୍ରୋଫି, ସ୍ପାଇନାଲ ମସ୍କୁଲାର ଆଟ୍ରୋଫି, ଗେସେର ଭଳି ଅନେକ ରୋଗକୁ ସାଧାରଣରେ ଅଣଦେଖା କରାଯାଇଥାଏ। ଏହାର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ, ଠିକ୍‌ରେ ଚିହ୍ନଟ କରିବା ଏବଂ ଏହାର ମୁକାବିଲା ପାଇଁ ଔଷଧର ଅଭାବ। ବିରଳ ରୋଗ ପାଇଁ ୨୦୧୭ ମସିହାରେ କେନ୍ଦ୍ର ସରକାର ଏକ ଜାତୀୟ ବିରଳ ରୋଗ ନୀତି(ଏନ୍‌ପିଆର୍‌ଡି) ପ୍ରଣୟନ କରିଥିଲେ। ମାତ୍ର ଏହାକୁ କାର୍ଯ୍ୟକାରୀ କରିବାରେ ସମସ୍ୟା ଦୃଷ୍ଟିରୁ ୨୦୧୮ ମସିହାରେ ଏହାକୁ ଫେରାଇ ନେଇଥିଲେ। ୨୦୨୧ ମସିହାରେ ଏହାର ଏକ ସଂଶୋଧିତ ନୀତି ପ୍ରଣୟନ କରିଛନ୍ତି କେନ୍ଦ୍ର ସରକାର। ହେଲେ ଏଥିରେ ବିଶେଷ ସୁଫଳ ଦେଖିବାକୁ ମିଳିନାହିଁ। ଜଣେ ଶିଶୁଠାରେ କୌଣସି ବିରଳ ରୋଗ ଦେଖାଯିବା ପାଇଁ ପ୍ରାୟ ୭ବର୍ଷ ଲାଗିଥାଏ। ଏ ଦୃଷ୍ଟିରୁ ଡାକ୍ତରମାନଙ୍କ ତାଲିମ୍ ଜରୁରୀ ହୋଇପଡ଼ିଛି। ଗର୍ଭାବସ୍ଥାରେ ଭ୍ରୁଣର ସ୍କ୍ରିନିଂ ଓ ପରବର୍ତ୍ତୀ ସମୟରେ ଏହାର ଡାଏଗ୍ନୋସିସ୍ ଉପରେ ଗୁରୁତ୍ୱ ଦିଆଯିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ତେବେ ଆଶ୍ୱସ୍ତିର ବିଷୟ ହେଉଛି ଦେଶରେ ଚିହ୍ନଟ ହୋଇଥିବା ୪୫୦ ପ୍ରକାରର ବିରଳ ରୋଗ ଭିତରୁ ୫୦%ରୁ କମ୍ ରୋଗର ଚିକିତ୍ସା ହୋଇପାରିବ। ଭାରତୀୟ ଭେଷଜ ନିୟନ୍ତ୍ରକ(ଡିଜିସିଆଇ)ଙ୍କ ପକ୍ଷରୁ ୨୦ ପ୍ରକାର ବିରଳ ରୋଗର ଚିକିତ୍ସା ଉପଲବ୍ଧ ଥିବା କୁହାଯାଇଛି। ଏସବୁ ଚିକିତ୍ସା କେବଳ ଉତ୍କର୍ଷ କେନ୍ଦ୍ର(ସିଓଇ)ରେ ଉପଲବ୍ଧ ହେଉଥିବା କାରଣରୁ ଠିକ୍ ସମୟରେ ଡାଏଗ୍ନୋସିସ ଓ ଆବଶ୍ୟକ ଥେରାପି ସମ୍ଭବ ହୋଇପାରୁନାହିଁ। ବିରଳ ରୋଗର ମୁକାବିଲା ପାଇଁ ଆବଶ୍ୟକ ପାଣ୍ଠିର ମଧ୍ୟ ଅଭାବ ରହିଛି। ୨୦୨୩-୨୪ ମସିହାରେ ଏଥିପାଇଁ ୯୩ କୋଟିର ବ୍ୟୟବରାଦ ହୋଇଛି। ଏନ୍‌ପିଆର୍‌ଡିର ନିୟମ ଅନୁସାରେ ଜଣେ ଆକ୍ରାନ୍ତଙ୍କୁ ସର୍ବାଧିକ ୫୦ଲକ୍ଷ ଟଙ୍କାର ସୁବିଧା ଦିଆଯାଇପାରିବ। ଗୋଟିଏ ବିରଳ ରୋଗ ପାଇଁ ଜୀବନବ୍ୟାପୀ ଚିକିତ୍ସାର ଆବଶ୍ୟକତା ଥିବା ବେଳେ ଏହି ଅର୍ଥ ଯଥେଷ୍ଟ ନୁହେଁ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି।

# ନବ ବିବାହିତ ଯୁବକଙ୍କ ହତ୍ୟାର ପର୍ଦ୍ଦାଫାଶ କଲା ପୁଲିସ

**ପାରଳାଖେମୁଣ୍ଡି, ନ୍ୟୁଜ୍‌ବ୍ୟୁରୋ**



ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ତୋଟିଗୁମୁଡ଼ା ଗ୍ରାମ ନିକଟସ୍ଥ ଯାତ୍ରୀ ବିଶ୍ରାମାଗାର ନିକଟରେ ନବ ବିବାହିତ ଯୁବକ ଏମ.ଲିଙ୍ଗରାଜଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ଫାଶ କରିଛି ପୋଲିସ। ପ୍ରେମିକଙ୍କ ସହ ମିଶି ସ୍ୱାମୀ ଲିଙ୍ଗରାଜଙ୍କୁ ସ୍ତ୍ରୀ କେ. ଜୟଲକ୍ଷ୍ମୀ ହତ୍ୟା କରିଛନ୍ତି। ପୋଲିସ ଜୟଲକ୍ଷ୍ମୀ ଓ ତାଙ୍କ ପ୍ରେମିକ ଉପେନ୍ଦ୍ର ନେୟାଲଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟ ଚଲାଣ କରାଯାଇଛି। ସେମାନଙ୍କ ନିକଟରୁ ଲିଙ୍ଗରାଜଙ୍କ ସୁନା ଚେନ, ମୁଦି, ବାଇକ୍ ଓ ହତ୍ୟାରେ ବ୍ୟବହୃତ ହୋଇଥିବା ସ୍କ୍ରୁ ଡ୍ରାଇଭର ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଥିବା ଏସ୍‌ପି ସ୍ୱାତୀ କୁମାରୀ ଏସ୍. ସୂଚନା ଦେଇଛନ୍ତି।

ଗୁରାଣ୍ଡି ଥାନା ଅନ୍ତର୍ଗତ ବଟିସିରିପୁର ଗ୍ରାମର ଲିଙ୍ଗରାଜ କ୍ଷୁଦ୍ର ଜଳସେଚନ ବିଭାଗରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ଗତ ଫେବୃଆରୀ ୧୮ ତାରିଖରେ ତାଙ୍କର କାଶୀନଗର ବ୍ଲକ କରନିଭଦ୍ର ଗ୍ରାମର ଜୟଲକ୍ଷ୍ମୀଙ୍କ ସହ ବିବାହ ହୋଇଥିଲା। କିନ୍ତୁ ଜୟଲକ୍ଷ୍ମୀଙ୍କର ୪ ବର୍ଷ ପୂର୍ବରୁ ଆନ୍ଧ୍ରପ୍ରଦେଶର ବତୀଲି ଗ୍ରାମର ଉପେନ୍ଦ୍ରଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ବିବାହ ପରେ ମଧ୍ୟ ସେ ଉପେନ୍ଦ୍ରଙ୍କ ସହ ଫୋନରେ କଥା ହେଉଥିଲେ। ସ୍ୱାମୀଙ୍କୁ ରାସ୍ତାରୁ ହଟାଇବା ପାଇଁ ପ୍ରେମିକଙ୍କ ସହ ଯୋଜନା କରୁଥିଲେ ମଧ୍ୟ ସୁଯୋଗ ପାଉ ନ ଥିଲେ। ଗତ ୨୮ ତାରିଖରେ ଲିଙ୍ଗରାଜ ଜଣେ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବାପାଇଁ ବାଟିସିରିପୁର ଗ୍ରାମ ଅଭିମୁଖେ ବାହାରିଥିଲେ। ଜୟଲକ୍ଷ୍ମୀ ପ୍ରେମିକ ଉପେନ୍ଦ୍ରଙ୍କୁ ଟିକିନିଖି ଖବର ଦେଉଥିଲେ। ଉପେନ୍ଦ୍ର ତୋଟିଗୁମୁଡ଼ା ବିଶ୍ରାମାଗାର ନିକଟରେ ଛକି ରହିଥିଲେ। ଲିଙ୍ଗରାଜ ଆସିବାରୁ ଗୋଟିଏ ସ୍କ୍ରୁ ଡ୍ରାଇଭର ଧରି ହଠାତ ତାଙ୍କୁ ଆକ୍ରମଣ କରିଥିଲେ। ଲିଙ୍ଗରାଜ ତଳେ ପଡିଯିବା ପରେ ସେ ସ୍କ୍ରୁ ଡ୍ରାଇଭରରେ ତାଙ୍କ ଛାତିକୁ ସାମ୍ନା ପଟୁ ୨୫ ଥର ଓ ପଛପଟୁ ୨୭ ଥର ଭୁଶି ହତ୍ୟା କରିଥିଲେ। ପରେ ଲିଙ୍ଗରାଜ ପିନ୍ଧିଥିବା ସୁନା ଚେନ ମୁଦି ଓ ତାଙ୍କ ବାଇକ୍ ନେଇ ଜୟଲକ୍ଷ୍ମୀ ଓ ଉପେନ୍ଦ୍ର ଚାଲିଯାଇଥିଲେ। ପୋଲିସ ତଦନ୍ତ ସମୟରେ ଜୟଲକ୍ଷ୍ମୀଙ୍କ ଫୋନ୍ କଲ୍ ରେକର୍ଡ ଓ ବିଭିନ୍ନ ପରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ଘଟଣାର ସତ୍ୟତା ପଦାକୁ ଆସିଛି।

# ୟୁଟ୍ୟୁବରୁ ପାଠ ପଢ଼ି ଚାଷୀ ମୁଲିଆଙ୍କ ପୁଅ ପାଇଲେ ଆଇଆଇଟି

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**



ଦୃଢ଼ ଇଚ୍ଛା ଶକ୍ତି ହିଁ ମଣିଷର ସବୁଠାରୁ ବଡ଼ ସମ୍ପତ୍ତି। ଏହାକୁ ପ୍ରମାଣ କରିଛନ୍ତି ଜଣେ ଗରିବ ମୂଲିଆ ବାପାର ପୁଅ। ଦରିଦ୍ରତାର କଷାଘାତ ଭିତରେ ବହୁ ସଂଘର୍ଷ କରି ଏହି ସଫଳତା ପାଇଛନ୍ତି। ଦୁରାଗୁଡ଼ାର ଗରିବ ଛାତ୍ର ପ୍ରକାଶ ୟୁଟୁବରୁ ଶିକ୍ଷା ଗ୍ରହଣ କରି ଆଇଆଇଟିରେ ସଫଳତା ହାସଲ କରିପାରିଛନ୍ତି। ଆଗକୁ ପଢ଼ିବା ପାଇଁ ଅର୍ଥ ସାଜିଛି ବାଧକ। ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପ୍ରକାଶ। ଆଇଆଇଅଟିରେ ସଫଳତା ପରେ ଖୁସିର ଲହରୀ ଖେଳିଯାଇଛି ଏହି ଅଞ୍ଚଳରେ। ନିଜର ଇଚ୍ଛା ଶକ୍ତି ଥିଲେ ଜଣେ ସଫଳତାର ଶୀର୍ଷରେ ପହଞ୍ଚ ପାରିବ। ଏହାର ଉଦାହରଣ ହେଉଛନ୍ତି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଦଳପତିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଦୁରାଗୁଡ଼ା ଗ୍ରାମର କର୍ଣ୍ଣ ବିଶୋୟୀ ଓ ମନିରାଣୀ ବିଶୋୟୀଙ୍କ ଚାରି ପୁଅ ମଧ୍ୟରେ ବଡ଼ ପୁଅ ପ୍ରକାଶ କୁମାର ବିଶୋୟୀ। ପ୍ରକାଶ ତା'ର ଜୀବନରେ ବହୁ ସଂଘର୍ଷ ପରେ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସର୍ବ ଭାରତୀୟ ସ୍ତରରେ ୩ ହଜାର ର୍ୟାଙ୍କ୍‌ର ପାଇଛନ୍ତି ସଫଳତା। ଏହି ସଫଳତା ପାଇବା ପରେ ପ୍ରକାଶଙ୍କୁ ନିଜର ଶିକ୍ଷକ ଶିକ୍ଷୟିତ୍ରୀ ସାଙ୍ଗ ସାଥି ଓ ଗ୍ରାମବାସୀମାନେ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରକାଶ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପାଠ ପଢିବା ପରେ ଉଦୁଲିବେଡା ସରକାରରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଠାରୁ ସପ୍ତମ ପର୍ଯ୍ୟନ୍ତ ପାଠ ପଢିଥିଲେ। ଏହା ପରେ ଗଙ୍ଗଲା ଠାରେ ଥିବା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବା ସହିତ ୨୦୧୬ ମସିହାରେ ମେଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ ବଳଦିଆଗୁଡା ସରକାରୀ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନରେ ପାଠ ପଢି ୬୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ +୩ରେ କୋରାପୁଟ ମହାବିଦ୍ୟାଳୟ ଠାରେ ପାଠ ପଢି ୯୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଘରେ ବାପା ରୋଗଗ୍ରସ୍ତ ଥିବାବେଳେ ମା' ମଧ୍ୟ ମାନସିକ ଅନଗ୍ରସର। ପ୍ରକାଶ ମାଥିଲି ଠାରେ ରହିବା ସହିତ ଗାଁକୁ ଯାଇ ଚାଷ କାମ କରିବା ଏବଂ ମା'ଙ୍କୁ ମଧ୍ୟ ରୋଷେଇ କାର୍ଯ୍ୟରେ ସହଯୋଗ କରନ୍ତି।

ପରେ ମାଥିଲି ଠାରେ ଛୋଟ ଛୋଟ ପିଲାମାନଙ୍କୁ ନିଜେ ଟ୍ୟୁସନ କରିବା ସହିତ ବଳଦିଆଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଣିତ ଅଧ୍ୟାପିକା କଲ୍ୟାଣି ପୃଷ୍ଟିଙ୍କ ପ୍ରେରଣା ପାଇ ୟୁ୍ୟଟୁବ୍‌ରୁ ଆଇଆଇଟି ପାଇଁ ପ୍ରସ୍ତୁତ କରି ପ୍ରବେଶିକା ପରୀକ୍ଷାରେ ଦେଇଥିଲେ, ଯେଉଁଠି ପିଲାମାନେ ଟଙ୍କା ଖର୍ଚ୍ଚ କରି ତାଲିମ ନେଇ ମଧ୍ୟ ଅକୃତକାର୍ଯ୍ୟ ହେଉଛନ୍ତି ସେଠି ପ୍ରକାଶ ନିଜର ବଳିଷ୍ଠ ପ୍ରମାଣ ଦେଖାଇଛି। ସେ ପରୀକ୍ଷା ଦେଲେ ସିନା ପାସ ହେବେ ନାହିଁ ଭାବି ଫଳାଫଳକୁ ଦେଖୁନଥିଲେ। କିନ୍ତୁ ତାଙ୍କ ବନ୍ଧୁ ତାଙ୍କୁ ପାସ୍ ହୋଇଥିବା ଖବର ଦେଇଥିଲେ। ସେ ସର୍ବ ଭାରତୀୟ ସ୍ତରରେ ୩ ହଜାର ର୍ୟାଙ୍କ ରଖି ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। କିନ୍ତୁ ବାପା ରୋଗଗ୍ରସ୍ତ ଓ ମା' ମଧ୍ୟ ମାନସିକ ଅନଗ୍ରସର। ଏବେ ଆଗକୁ ପାଠ ପଢିବା ପାଇଁ ବହୁ ପଇସା ଆବଶ୍ୟକ ଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପ୍ରକାଶ।

## ଗାଙ୍ଗପଡ଼ା ଗ୍ରାମପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡା ଗ୍ରାମପଞ୍ଚାୟତରେ ବିଜୁଜନତା ଦଳର ଏକ କର୍ମୀ ସମ୍ମିଳନୀ ଜିଲ୍ଲା ସଭାପତିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ଉପସଭାପତି ମମତାରାଣୀ ଧଳଙ୍କ ସଭାପତିତ୍ୱରେ ଗୋଗୁଆବଜାର ଠାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ପଞ୍ଚାୟତର ଆଗଧାଡିର ବରିଷ୍ଠ ଦଳୀୟ କର୍ମୀମାନେ ଯୋଗଦେଇ ଥିଲେ। ଦଳର ସଂଗଠନକୁ ମଜଭୁତ କରି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଦଳର ପ୍ରାର୍ଥୀମାନଙ୍କୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ସଦସ୍ୟ ମୁରଲୀଧର ଦାସ, ହଳଧର ସାହୁ, ତାପସ ନାୟକ, ଅନଙ୍ଗଭିମ ରାଉତ, ସୁନିତ କୁମାର ବଳ, ତ୍ରିଲୋଚନ ପାତ୍ର, ବିଜୁ ଯୁବଜନତାଦଳ ସଭାପତି ଅସିତବନ୍ଧୁ ଧଳ, ବିଚିତ୍ରାନନ୍ଦ ଯେନା, ବୈରାଗୀ ସେଠୀ, ଦୈତାରୀ ମଳିକ, ଓ୍ୱାର୍ଡମେମ୍ବର କୈଳାସ ପରିଡା, ଅର୍ଜୁନି ରାଉତ, ପବିତ୍ର ସ୍ୱାଇଁ, ସୁରେଶ ପରିଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ବିରାଟ ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଲୋକସଭା ସାଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳକୁ ଏକ ତୋଫାନୀ ଗସ୍ତରେ ଆସିଥିଲେ। ଏହି ଅବସରରେ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତିଙ୍କୁ କଟକ-ଚାନ୍ଦବାଲି ରାସ୍ତାର କୋଲଣପୁର ଗ୍ରାମପଞ୍ଚାୟତ କୁଳିଆ ଠାରୁ କଟିକଟା ଗ୍ରାମପଞ୍ଚାୟତ ନୂଆଗାଁ ପର୍ଯ୍ୟନ୍ତ ପଟୁଆରରେ ପାଛୋଟି ଅଣାଯାଇଥିଲା। ଶ୍ରୀ ମହାନ୍ତିଙ୍କ ସହ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା, ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସମେତ ବହୁ ନିର୍ବାଚିତ ଜିଲ୍ଲାପରିଷଦ ସଭ୍ୟସଭ୍ୟା, ସରପଞ୍ଚ, ସମିତି ସଭ୍ୟା ଓ ବ୍ଲକ୍ ବିଜେଡିର କାର୍ଯ୍ୟକର୍ତ୍ତାଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଓ ସଭ୍ୟାମାନେ ଯୋଗଦାନ କରିଥିଲେ। ସାଂସଦ ପ୍ରାର୍ଥୀଙ୍କୁ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସପକ୍ଷରେ ବିଭିନ୍ନ ନାରା ଦିଆଯାଇ ଏକ ବିରାଟ ପଟୁଆର ବଜାର ପରିକ୍ରମା କରିଥିଲା। ଏହି ଅବସରରେ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଛକ ଠାରେ ଥିବା ସମ୍ବିଧାନର ପ୍ରଣେତା ଡ. ବିଆର ଆମ୍ବେଦକର ଓ ନିଶ୍ଚିନ୍ତକୋଇଲି ବଜାରରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସାଂସଦ ପ୍ରାର୍ଥୀ ଶ୍ରୀ ମହାନ୍ତି ଆଗାମୀ ସାଧାରଣ ନିର୍ବାଚନରେ ତାଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ଶୋଭାଯାତ୍ରାରେ ୫ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦାନ କରିଥିଲେ।

# ଜାଗୁଳା ଯୁବ ଗୋଷ୍ଠୀଙ୍କ ବୃକ୍ଷରୋପଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜାଗୁଳା ପଞ୍ଚାୟତରେ ଥିବା ଯୁବ ଗୋଷ୍ଠୀଙ୍କ ଦ୍ୱାରା ବୃକ୍ଷରୋପଣ ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ପରିବେଶ ଦୂଷିତ ହୋଇ ପଡୁଥିବା ବେଳେ ପରିବେଶକୁ ସନ୍ତୁଳିତ ରଖିବାକୁ ଏହି ବୃକ୍ଷରୋପଣ ଦ୍ୱାରା ଅଞ୍ଚଳରେ ଦିନକୁ ଦିନ ବଢୁଥିବା ତାପର ପରିମାଣକୁ ସନ୍ତୁଳିତ କରିବାକୁ ଏହା ଏକ ଛୋଟ ପ୍ରୟାସ ବୋଲି ଉପସ୍ଥିତ ଥିବା ବ୍ୟକ୍ତି ବିଶେଷମାନେ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜାଗୁଳା ଗ୍ରାମର ଯୁବ ଗୋଷ୍ଠୀମାନେ ଅଂଶ ଗ୍ରହଣ କରିଥିବା ବେଳେ ଜାଗୁଳା ପଞ୍ଚାୟତରେ ବୃକ୍ଷରୋପଣ କରିଥିବା ବେଳେ ଆଗାମୀ ଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ କରିବା ସହ କୌଣସି ପରିସ୍ଥିତିରେ ସାଧାରଣ ଜନତାଙ୍କୁ ସମସ୍ତ ସାହାଯ୍ୟ କରିବାକୁ ଏହି ଯୁବ ଗୋଷ୍ଠୀ ପ୍ରସ୍ତୁତ ଅଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ସାମାଜିକ ସଚେତନା ସୃଷ୍ଟି କରିବା ଉଦ୍ଦେଶରେ ଜାଗୁଳା ପଞ୍ଚାୟତର ଯୁବଗୋଷ୍ଠୀ ଜାଗୁଳା ପଞ୍ଚାୟତ ହାଇସ୍କୁଲ ଠାରେ ୨ରାତି ସାମାଜିକ ଧର୍ମୀ ନାଟକ ମଂଚସ୍ଥ କରିଥିଲେ। ହୋଇଥିବା ବୃକ୍ଷରୋପଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜାଗୁଳା ପଞ୍ଚାୟତର ବଳଭଦ୍ର ଲେଙ୍କା, ସୁରେଶ ମାହୁନ୍ତ, ତ୍ରିଦିବେଶ ପ୍ରଧାନ, ସୁରେଶ ସେଠୀ, ଉମେଶ ମହାକୁଡ, ବଟକୃଷ୍ଣ ବିଶ୍ୱାଳ, ପ୍ରିୟରଞ୍ଜନ ପ୍ରଧାନ, ଡା.ଜନ୍ମେଞ୍ଜୟ ବେହେରା, ସନାତନ ବିଶ୍ୱାଳ, ପ୍ରଦ୍ୱୀପ ସେଠୀ, ଗଗନ ବେହେରା, ଦୁଖିଆ ବିଶ୍ୱାଳ, ସୁଶାନ୍ତ ଖିଲାର, ସୁରେଶ ମହାକୁଡ ପ୍ରମୁଖ ଉପସ୍ଥିତ ରହିବା ସହ ନିଜ ନିଜର ବକ୍ତବ୍ୟ ରଖିଥିଲେ ଏବଂ ଜାଗୁଳା ପଞ୍ଚାୟତର ଯୁବ ଗୋଷ୍ଠୀ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ରାଜପଥରେ ଓଲଟିଲା ଗ୍ୟାସ୍ ଟ୍ୟାଙ୍କର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ରାଜପଥରେ ଓଲଟି ପଡ଼ିଲା ଗ୍ୟାସ୍ ଟ୍ୟାଙ୍କର। ଏହି ଗ୍ୟାସ୍ ଟ୍ୟାଙ୍କରଟି ବିଶାଖାପାଟଣାରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ବେଳେ ୧୬ ନଂ ଜାତୀୟ ରାଜପଥର ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିଡ଼ାମୂଳ ବଡଘାଟି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଗୁରୁତର ହୋଇଛି। ତାକୁ ଖଲ୍ଲିକୋଟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ସ୍ଥିତିକୁ ଦୃଷ୍ଟିରେ ରଖି ଦୁର୍ଘଟଣାସ୍ଥଳ ଠାରୁ ୨ କି.ମି. ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରିଥିଲା ଖଲ୍ଲିକୋଟ ପୋଲିସ।

# ଜିଲ୍ଲା ଓବିସି ଅବସର ପ୍ରାପ୍ତ କର୍ମଚାରୀ ସଂଘ ଗଠିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ରାଜେନ୍ଦ୍ର ପଡ଼ା ସ୍ଥିତ ଜିଲ୍ଲା ଓବିସି ମଞ୍ଚ ବଲାଙ୍ଗୀର କାର୍ଯ୍ୟାଳୟ ପରିସରରେ, ମଳିଆ ଗଡୁଆଙ୍କ ଆବାହନ କ୍ରମେ ବଲାଙ୍ଗୀର ଜିଲ୍ଲାର ଓବିସି ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜ୍ୟ ଓବିସି ମଞ୍ଚ ଓଡ଼ିଶାର ସଭାପତି ଶଙ୍କର ପାତ୍ର ଉପସ୍ଥିତ ସଦସ୍ୟମାନଙ୍କୁ ସମ୍ବୋଧନ କରି କହିଲେ, ଓଡ଼ିଶାରେ ଓବିସିମାନଙ୍କୁ ରାଜ୍ୟ ସରକାର ୦୦% ସଂରକ୍ଷଣ ଦେଉଛନ୍ତି। ଏସ୍‌ଇବିସି ନାମରେ ରାଜ୍ୟ ସରକାର ଯେଉଁ ୧୧.୨୫ ସଂରକ୍ଷଣ ଦେଉଛନ୍ତି, ତାହା ଓବିସି ସଂରକ୍ଷଣ ନୁହେଁ। ମଣ୍ଡଳ କମିଶନ ଆଧାରରେ ଅନ୍ୟ ରାଜ୍ୟ ପରି ଓଡ଼ିଶାର ଓବିସିମାନେ ମଧ୍ୟ ଶିକ୍ଷା, ଚାକିରି ଓ ରାଜନୀତିରେ ୨୭% ସଂରକ୍ଷଣ ପାଇବା କଥା। ଓବିସି ମଞ୍ଚର ବାରମ୍ବାର ଦାବି ସତ୍ତ୍ୱେ, ସରକାର କିଛି ଶୁଣୁନାହାନ୍ତି। ଓବିସିଙ୍କୁ ଭକୁଆ ବନେଇ ଖାଲି ଓବିସି ଭୋଟ ହାତେଇବାରେ ଲାଗିଛନ୍ତି। ଓବିସି ଜାତିର ଲୋକେ ସାମ୍ବିଧାନିକ ହକ ଅଧିକାର ପାଇବାକୁ ହେଲେ ବ୍ୟାପକ ଜନସଚେତନ ଲୋଡା। ସମାଜର ଶିକ୍ଷିତ ଓ ସଚେତନ ନାଗରିକ ହିସାବରେ ଓବିସି ବର୍ଗର ଆଗାମୀ ପିଢ଼ି ପାଇଁ, ଆପଣ ମାନେ କାର୍ଯ୍ୟ କରନ୍ତୁ ବୋଲି ଶ୍ରୀ ପାତ୍ର ଅନୁରୋଧ କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ କ୍ରମେ ମଳିଆ ଗଡୁଆଙ୍କ ନେତୃତ୍ୱରେ ଉମାକାନ୍ତ ପାତ୍ର, ଦୁର୍ଗା ପ୍ରସନ୍ନ ଛୁରିଆ, ବୈକୁଣ୍ଠ ସ୍ୱାଇଁ ଓ ରାଧାକାନ୍ତ ସାହୁଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଗଲା। ବୈଠକରେ ସୁରେନ୍ଦ୍ର ନେଗୀ, ପ୍ରଦୀପ କୁମାର ସାହୁ,ଦଶରଥ ବାଗ, ଭକ୍ତ ବନ୍ଧୁ ନାଏକ, ପ୍ରେମାନନ୍ଦ ପଟେଲ, ଜୟ ଚନ୍ଦ୍ର ପଟେଲ୍, ସରୋଜ କୁମାର ମେଶ୍ରା ସଂଯୋଜକ ଓବିସି ମଞ୍ଚ ବଲାଙ୍ଗୀର ବାଲେଶ୍ୱର ପଟେଲ, ଦୟାନିଧି ନାୟକ, ଜୟଦେବ ବେହେରା, ଛାୟାକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓବିଶି ମଞ୍ଚ କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକରେ ଗଣଦୌଡ଼

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଐତିହାସିକ ଶ୍ରୀରାମ ନବମୀ ଉତ୍ସବ ପାଇଁ ଆରମ୍ଭ ହୋଇଯାଇଛି ଭଦ୍ରକରେ ଗଣଦୌଡ଼। ଏହି ଗଣ ଦୌଡ଼ରେ ସାମିଲ ହୋଇଛନ୍ତି ସମସ୍ତ ବର୍ଗର ଲୋକେ। ଶ୍ରୀରାମ ସମିତି ଉପଦେଷ୍ଟା ମନମୋହନ ସାମଲ ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ। ପରେ ଗଣଦୌଡ଼ ଆରମ୍ଭ ହୋଇଥିଲା। ଏହି ଗଣ ଦୌଡ଼ ତାରିଣୀ ମନ୍ଦିରରୁ ବାହାରି ବାଇପାସ୍ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯିବ। ପ୍ରଥମଥର ପାଇଁ ଅଭିନେତା ଅରିନ୍ଦମ ରାୟ ଏଥିରେ ସାମିଲ ହୋଇଛନ୍ତି। ଶ୍ରୀରାମ ସମିତି ପକ୍ଷରୁ ଏହି ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଅଷ୍ଟମ ଥର ପାଇଁ ଜିଲ୍ଲା ଓକିଲ ସଂଘ ସଭାପତି ହେଲେ ଧ୍ରୁବ ଜେନା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ଓକିଲ ସଂଘର ନିର୍ବାଚନ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଶେଷ ହୋଇଛି। ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା ଅଷ୍ଟମ ଥର ପାଇଁ ଓକିଲ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ରବି ନାରାୟଣ ମହାନ୍ତିଙ୍କୁ ମାତ୍ର ୨ ଖଣ୍ଡ ଭୋଟରେ ପରାସ୍ତ କରିଥିବା ଜଣାପଡିଛି। ଶ୍ରୀ ଜେନା ୨୩୯ ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ମହାନ୍ତି ୨୩୭ ଖଣ୍ଡ ଭୋଟ ପାଇଛନ୍ତି। ୫ ଖଣ୍ଡ ଭୋଟ ନାକଚ ହୋଇଥିବା ଜଣାପଡିଛି। ମୋଟ୍ ୪୮୧ ଜଣ ଆଇନଜୀବି ଭୋଟ ଦାନରେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ଉପ ସଭାପତି ଭାବେ ସୁଶ୍ରୀ କୁମାରୀ ନାୟକ ୨୩୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଓକିଲ ସଂଘର ସଂପାଦକ ଭାବେ ବ୍ରଜ ସୁନ୍ଦର ରାଉତ ୨୬୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସଂଜୟ କୁମାର ପତ୍ରୀ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଯୁଗ୍ମ ସଂପାଦକ ଭାବେ ଚୈତନ୍ୟ ଚରଣ ମଲିକ ଅତିରିକ୍ତ ଯୁଗ୍ମ ସଂପାଦକ ଭାବେ ସୁବାସ ଚନ୍ଦ୍ର ଭଦ୍ର, କୋଷାଧ୍ୟକ୍ଷ ଭାବେ ନିରାକାର ପ୍ରଧାନ କାର୍ଯ୍ୟକାରୀ ସମିତିର ସଭ୍ୟ ଭାବେ ପ୍ରଭାତ ରଞ୍ଜନ ପାଣ୍ଡେ ଓ ସଭ୍ୟା ଭାବେ ନିହାରିକା ଦାସ ପଟ୍ଟନାୟକ ପୂର୍ବରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଉପକରଣ ପ୍ରଦାନ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ମାଥିଲି ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଓ ଜିଲ୍ଲା ସମଗ୍ର ଶିକ୍ଷା ଅନୁଦାନରେ ୧୬ ଜଣ କଥନବାଧିତ ବିଦ୍ୟାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ କଥନ ଶିକ୍ଷଣ ଉପକରଣ ପ୍ରଦାନ କରା ଯାଇଥିଲା। ଭାରପ୍ରାପ୍ତ ଆରପି ରତ୍ନାକର ପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱସ ଯୋଗ ଦେଇ ଉପକରଣ ପ୍ରଦାନ କରିଥିଲେ। କଥନ ଶିକ୍ଷା ନିମନ୍ତେ ଉପଯୋଗୀ ଥିବା ଉପକରଣ ଗୁଡିକର ବ୍ୟବହାର ଓ ଯତ୍ନ ସମ୍ପର୍କରେ ବିଇଓ ଶ୍ରୀ ବିଶ୍ୱାସ ଅଭିଭାବକ ବିଦ୍ୟାର୍ଥୀଙ୍କୁ ପ୍ରଦର୍ଶନୀ ମାଧ୍ୟମରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି- ଅନ୍ତର୍ଯ୍ୟାମୀ ମଲିକ, ଶିକ୍ଷକ ଦିଲୀପ ରାଜୁ, ପ୍ରତାପ ମହାନ୍ତି, ଚିନ୍ତାମଣି ବିଷୋୟୀ, ସୁଶାନ୍ତ ଜେନାଙ୍କ ସମେତ ଅଭିଭାବକ ଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ।

# ତୃଣମୂଳସ୍ତରରେ ପହଞ୍ଚିପାରୁ ନାହିଁ ବିକାଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୩ ଏପ୍ରିଲ ୧ରେ ଅବିଭକ୍ତ କଟକ ଜିଲ୍ଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ଏହି ଜିଲ୍ଲା ମାନ୍ୟତାକୁ ୩୧ ବର୍ଷ ବିତିଗଲାଣି। ଜିଲ୍ଲା ଗଠନ ପରେ ଏହାର ବିକାଶକୁ ନେଇ ସ୍ୱପ୍ନ ଦେଖିଥିବା ଜିଲ୍ଲାବାସୀ ଏବେବି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ଦିନ କାଟୁଛନ୍ତି। ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା, ସୁବିଧା ଓ ଉନ୍ନୟନ ଯୋଜନା ପହଞ୍ଚି ପାରି ନ ଥିବା ବେଳେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା ହୋଇଛି। କୃଷି ଅର୍ଥନୀତିଭିତ୍ତିକ ଏହି ଜିଲ୍ଲା ଅର୍ଥନୀତି ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଅଛି। ତୃଣମୂଳସ୍ତରରେ ଯୋଜନା ପହଞ୍ଚିବା ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ମତାମତ ମିଳିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, କେନ୍ଦ୍ରାପଡ଼ା ଜିଲ୍ଲା ସହିତ ଅବିଭକ୍ତ କଟକ ଜିଲ୍ଲାରୁ ପଡ଼ୋଶୀ ଯାଜପୁର ଓ ଜଗତସିଂହପୁର ଜିଲ୍ଲା ଗଠନ ହୋଇଥିଲା। ଏହି ଦୁଇ ଜିଲ୍ଲାରେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟରେ ଆର୍ଥିକ ଓ ସାମାଜିକ ବିକାଶ ହେଉଥିବା ବେଳେ କେନ୍ଦ୍ରାପଡ଼ା ଖୁବ୍ ପଛରେ ରହିଛି। ଜିଲ୍ଲାରେ ଏବେ ୧୬ ଲକ୍ଷରୁ ଅଧିକ ଅଧିବାସୀ ୧୫୯୨ ରାଜସ୍ୱ ଗ୍ରାମରେ ଅଛନ୍ତି। ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ାକୁ ମାନ୍ୟତା ଦିଆଯାଇଛି। ହେଲେ ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା ପହଞ୍ଚିପାରି ନାହିଁ। ଅଦ୍ୟାବଧି ଜିଲ୍ଲାର ୧୬ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ଆପାତକାଳୀନ ସମୟରେ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ କେତେକ ପଡ଼ା ଅଞ୍ଚଳକୁ ବିଦ୍ୟୁତ ସେବାରୁ ବଞ୍ଚିତ କରାଯାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ପୂରଣ ହୋଇ




ପାରୁ ନ ଥିବାରୁ ଜିଲ୍ଲାବାସୀଙ୍କ ସୁଖଦ ସ୍ୱପ୍ନ ହଜିଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ଶିଳ୍ପବିହୀନ ଏହି ଜିଲ୍ଲାରେ କର୍ମ ନିଯୁକ୍ତି ଏକ ବଡ଼ ସମସ୍ୟା। ୫୭ ହଜାରରୁ ଅଧିକ ବୈଷୟିକ ଡିଗ୍ରୀଧାରୀ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳିପାରୁ ନାହିଁ। ଯୁବବର୍ଗ ହୋଇ ଜିଲ୍ଲା ବାହାରେ କର୍ମ ଅନ୍ୱେଷଣରେ ଅଛନ୍ତି। ପ୍ରତି ସପ୍ତାହରେ ଦାଦନ ଯନ୍ତ୍ରଣାଜନିତ ଖବର ଜିଲ୍ଲାରେ ପହଞ୍ଚୁଛି। ଏପରିକି କରୋନା ସଂକ୍ରମଣ ସମୟରେ ଜିଲ୍ଲାର ପ୍ରାୟ ୩ ଲକ୍ଷ ଶ୍ରମିକ ପ୍ରବାସରୁ ଫେରିଥିବା ଏକ ବେସରକାରୀ ସଂସ୍ଥାର ସର୍ଭେରୁ ଜଣାପଡିଛି। ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର କୁହନ୍ତି, ନିର୍ବାଚନ ସମୟରେ ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା, ଜାତୀୟ ଉଦ୍ୟାନର ସୁରକ୍ଷା, ଐତିହ୍ୟର ପୁନରୁଦ୍ଧାର, ବିଭିନ୍ନ ନଦୀରେ ସେତୁ, ମେଡିକାଲ କଲେଜ, କୃଷିଭିତ୍ତିକ ଶିଳ୍ପ, କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ, ବିଇଡି କଲେଜ ଆଦିର ପ୍ରତିଷ୍ଠା ନେଇ ରାଜନେତା ସ୍ୱପ୍ନ ଦେଖାଉଥିବା ବେଳେ ଅଦ୍ୟାବଧି ତାହା ପୂରଣ ହୋଇନାହିଁ। କୃଷି ପାଇଁ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଜିଲ୍ଲାର କୃଷକ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ମଧ୍ୟରେ ରହି ଅର୍ଥକରୀ ଫସଲ ଉତ୍ପନ୍ନ କରିପାରୁ ନାହାନ୍ତି। ସେହିପରି ମଣ୍ଡି ଓ ଶୀତଳ-ଭଣ୍ଡାର, ତାଲିମ ଆଦି କ୍ଷେତ୍ରରେ ଜିଲ୍ଲା ଢେର ପଛୁଆ ଥିବା ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଜଙ୍ଗଲ ଅଞ୍ଚଳ ଏବେ ଅନୁପ୍ରବେଶ-କାରୀଙ୍କ କବଳରେ ଅଛି। ପାରାଦୀପ ଚର୍ଣ୍ଡିଖୋଲ ରାଜପଥ କେନ୍ଦ୍ରାପଡ଼ା ମଧ୍ୟରେ ୪୫ କି.ମି. ଅଛି। ଏହି ବାଟ ଦେଇ ଯାତାୟାତ କରୁଥିବା ପରିବହନ ଗାଡ଼ି ଧକ୍କାରେ ଜିଲ୍ଲାବାସୀ ମୃତାହତ ହେଉଥିଲେ ମଧ୍ୟ ଜଗତ୍‌ସିଂହପୁର, କେନ୍ଦୁଝର, ଯାଜପୁରର ଶିଳ୍ପ ଓ ଖଣି ଅଞ୍ଚଳରୁ ସିଏସ୍‌ଆର ବାବଦରେ ଟଙ୍କାଟିଏ ମିଳୁନାହିଁ। ଜିଲ୍ଲାର ତୃଣମୂଳ ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ସେ ମତ ଦେଇଛନ୍ତି।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ତେଲ ବଜାରରେ ଆମେରିକାର ଆଧିପତ୍ୟ

ବିଶ୍ୱ ତୈଳ ବଜାରରେ ଏକ ବଡ଼ ଧରଣର ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପାରମ୍ପରିକ ତୈଳ ଯୋଗାଣକାରୀ ଦେଶର ସମୂହ 'ଓପେକ୍'ର ଗଡ଼ କୁହାଯାଉଥିବା ବଜାରଗୁଡ଼ିକରେ ଦ୍ରୁତ ଗତିରେ ଆମେରିକା ଏହାର ଆଧିପତ୍ୟ ସାବ୍ୟସ୍ତ କରିବାରେ ଲାଗିଛି । ବିଶେଷ କରି ରୁଷ୍ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ପରେ ଆମେରିକାର ତେଲ ଯୋଗାଣକାରୀମାନେ ସେହି ଅଭାବ ପୂରଣ କରିବା ଲାଗି ଆଗେଇ ଆସିବା ସହ ଗ୍ରାହକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଉଦ୍ୟମ କରୁଛନ୍ତି ।

ବିଶ୍ୱର ଦୁଇ ପ୍ରମୁଖ ତେଲ ଯୋଗାଣକାରୀ ଦେଶ ରୁଷ୍ ଏବଂ ଭେନେଜୁଏଲା ଉପରେ କଟକଣା ଲଗାଯିବା ପରେ ଯଦି କୌଣସି ଦେଶକୁ ତାହାର ସର୍ବାଧିକ ଲାଭ ମିଳିଛି ତେବେ ତାହା ହେଉଛି ଆମେରିକା । ଏହା ଦ୍ରୁତ ଗତିରେ ଓପେକ୍ର ଗଡ଼ କୁହାଯାଉଥିବା ଦେଶଗୁଡ଼ିକରେ ପ୍ରବେଶ କରୁଛି । ଆମେରିକାରୁ ୟୁରୋପ ଓ ଏସିଆର ବିଭିନ୍ନ ଦେଶକୁ ତେଲ ଯୋଗାଣ ବୃଦ୍ଧି ପାଇଛି । ଅବଶ୍ୟ ଏବେ ସୃଷ୍ଟି ହୋଇଥିବା ସ୍ଥିତି ଲାଗି ଓପେକ୍+ ମଧ୍ୟ କିଛି ପରିମାଣରେ ଦାୟୀ । ସେମାନେ ନିଜ ଆଡୁ ତେଲ ଯୋଗାଣ କମ୍ କରିବାରୁ ଆମେରିକା ସେହି ବଜାରଗୁଡ଼ିକରେ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଥିଲା । ଗୋଟିଏ ପଟେ ଆମେରିକା ଏହାର ତେଲ ଉତ୍ପାଦନ ବଢ଼ାଇଥିବା ବେଳେ ଓପେକ୍ ଓ ରୁଷ୍ ସେମାନଙ୍କ ଉତ୍ପାଦନ ହ୍ରାସ କରିଛନ୍ତି । ସେଥିପାଇଁ ତେଲ ବଜାରରେ ଆମେରିକାର ଭାଗ ବୃଦ୍ଧି ପାଇଛି ।

ଯୁଦ୍ଧ ପରେ ରୁଷ୍ର ସର୍ବାଧିକ ତେଲ ମଗାଉଥିବା ଭାରତ ମଧ୍ୟ ଆମେରିକାରୁ ତେଲ କିଣିବା ଆରମ୍ଭ କରିଛି । ମାର୍ଚ୍ଚରେ ଆମେରିକାରୁ ଅଧିକ ପରିମାଣର ତେଲ ଭାରତ ଆସିଛି ବୋଲି କେପ୍ଲର୍ ତଥ୍ୟରୁ ଜଣାପଡ଼ିଛି । ରୁଷ୍ର ସୋମକମ୍ଫ୍ଲୋଟ୍ ଟ୍ୟାଙ୍କରରେ ଆସୁଥିବା ତେଲ ଗ୍ରହଣ କରିବାକୁ ଭାରତ ମନା କରିଦେଇଥିବାରୁ ଆଗାମୀ ଦିନରେ ରୁଷ୍ ତେଲ ଆହୁରି ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । କିନ୍ତୁ ରୁଷ୍ର ସ୍ଥାନ ନେବା ଭଳି ସ୍ଥିତିରେ ଆମେରିକା ଏପର୍ଯ୍ୟନ୍ତ ପହଞ୍ଚିପାରିନାହିଁ ।

# ବାବା ଏମ୍‌ଏସ୍ ଦୀକ୍ଷିତ୍‌ଙ୍କ ସନ୍ଦେହ ମୋଚନ କଲେ



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୫**

ଏମ୍‌ଏସ୍ ଦୀକ୍ଷିତ୍ ସିରିଡି ବାବାଙ୍କର ନିଷ୍ଠାପର ଭକ୍ତ ଥିଲେ । ଚାକିରିରୁ ଅବସର ଗ୍ରହଣ କଲାପରେ ସେ ଗୁରୁଚରିତ୍ର ନାମକ ଏକ ହିନ୍ଦୁ ଧର୍ମ ଗ୍ରନ୍ଥ ପାଠ କଲେ । କଥିତ ଅଛି, ଏଇ ଧର୍ମଗ୍ରନ୍ଥ ପାଠକଲେ ବିପୁଳ ଆଧ୍ୟାତ୍ମିକ ଶକ୍ତି ଲାଭ ହୁଏ । ସେତେବେଳେ ସିରିଡି ବାବା ସମାଧି ନେଇ ସାରିଥାନ୍ତି । ଉପରୋକ୍ତ ଗ୍ରନ୍ଥ ପାଠ କରିବାର ଷଷ୍ଠ ଦିନରେ ଦୀକ୍ଷିତ ଏକ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ସେ ଏକ ବ୍ରିଜ୍ ଉପରେ ଚାଲୁଥାଆନ୍ତି । ସେ ଅନୁଭବ କଲେ, ତାଙ୍କୁ ଜଣେ କେହି ଅନୁସରଣ କରୁଛି । ଦୀକ୍ଷିତ ପଛକୁ ଅନେଇ ଦେଖିଲେ ଲୋକଟି ବେଶ୍ ଚିହ୍ନା ଚିହ୍ନା ମନେ ହେଉଛି । ତାଙ୍କୁ ଦୀକ୍ଷିତ୍ ପଚାରିଲେ, 'ତୁମେ କିଏ ? ମୋ ପଛରେ କାହିଁକି ଚାଲୁଛ ?' ଅନୁସରଣକାରୀ କିଛି ଉତ୍ତର ଦେଲେ ନାହିଁ, ସେ ଶୀଘ୍ର ଶୀଘ୍ର ପାଦ ପକେଇ ଦୀକ୍ଷିତ୍‌ଙ୍କ ପାଖକୁ ଲାଗି ଆସିଲେ ଓ ଦୀକ୍ଷିତ୍‌ଙ୍କ ଉପରେ କିଛି ଭସ୍ମ (ବିଭୂତି) ମାରି ଦେଲେ । ଦୀକ୍ଷିତ୍ ନିଦରୁ ଉଠିବା ପରେ ସେତିକି ମାତ୍ର ମନେ ରଖିଥିଲେ । କେହି ତାଙ୍କ ମନରେ ଚମତ୍କାର ଭାବରେ ଅନନ୍ୟ ମୂର୍ତ୍ତିଟିର ଛବି ଓ ଅନୁସରଣ କରି ଥିବା ବ୍ୟକ୍ତିର ମୁଖମଣ୍ଡଳ ଅଙ୍କିତ ହୋଇ ରହିଗଲା । କେତେ ମାସ ପରେ ଦୀକ୍ଷିତ ଶୁଣିଲେ ଯେ ସିରିଡି ବାବା ପୁଣି ଅବତାର ଗ୍ରହଣ କରିଛନ୍ତି । ତାଙ୍କର ମନେ ପଡିଗଲା ସିରିଡ଼ି ବାବା ଦେହତ୍ୟାଗ କରିବା ପୂର୍ବରୁ କହିଥିଲେ' ମୁଁ ପୁଣି ଆଠ ବର୍ଷ ପରେ ଅବତାର ଗ୍ରହଣ କରିବି ।' ସେ ଫଟୋ ଦୋକାନରୁ ସତ୍ୟ ସାଇ ବାବାଙ୍କର ଫଟୋ ଦେଖି ବିସ୍ମିତ ହେଲେ ଯେ ସତ୍ୟସାଇ ବାବା ହିଁ ତାଙ୍କୁ ସ୍ୱପ୍ନରେ ଅନୁସରଣ କରୁଥିଲେ । ଏହାର ସତ୍ୟତା ଜାଣିବା ପାଇଁ ଦୀକ୍ଷିତ୍ ଏକ ୩୦ ଜଣିଆ ଦଳ ନେଇ ୧୯୭୧ ମସିହା ପ୍ରାରମ୍ଭରେ ପୁଟ୍ଟାପାର୍ତ୍ତୀରେ ପହଞ୍ଚିଲେ । ସେତେବେଳେ ଶିବରାତ୍ରୀ ପର୍ବଥାଏ । ଆଶ୍ରମରେ ଏକତ୍ରିତ ହୋଇ ଭକ୍ତମାନେ ବାଲକୋନିରେ ବାବାଙ୍କୁ ଦର୍ଶନ କରିବା ପାଇଁ ତଳେ ବସି ରହିଥିଲେ । ତାଙ୍କ ମଧ୍ୟରେ ଦୀକ୍ଷିତ ମଧ୍ୟ ବସି ରହି ବାଲକୋନି ଆଡକୁ ଅନେଇ ରହିଥାନ୍ତି । ଏହି ସମୟରେ କ୍ଷୁଦ୍ର ଲାଲ୍ ବସ୍ତ୍ର ପରିହିତ ଉନ୍ମୁକ୍ତ ଏକାକୀ ପୁଚ୍ଛପରି କେଶ ମଣ୍ଡିତ ମଧୁର ପ୍ରୀତିକର ମୁଖଟି ପରିଦୃଷ୍ଟ ହେବାମାତ୍ରେ ଦୀକ୍ଷିତ ନିଶ୍ଚିତ ଭାବରେ ବୁଝିଦେଲେ ଯେ, ସେଇ ବିଚିତ୍ର ସ୍ୱପ୍ନରେ ଏଇ ଛବିଟିକୁ ହିଁ ଦେଖିଥିଲେ । ତେବେ ତାଙ୍କ ମନରେ ସନ୍ଦେହ ଆସିଲା ଯେ, ଏ କଣ ସେଇ ପୁରାତନ ସିରିଡିର ଅବତାର ହୋଇ ପାରିବେ ? ସର୍ବାଙ୍ଗ ପାଟ ବସ୍ତ୍ର ପରିହିତ ଏବଂ ରମଣୀ ସୁଲଭ ବେଶ ଧାରଣ କରି ସର୍ବଦା ଜନ ଗହଳି ଦ୍ୱାରା ପରିବେଷ୍ଟିତ ହୋଇ ଏହି ବ୍ୟକ୍ତି ଜଣେ ଚିତ୍ର ତାରକା ପରି ମନେ ହେଉଛନ୍ତି । ସିରିଡ଼ି ବାବା ତ ହାତ ବୁଣା ଲୁଗା ପିନ୍ଧୁଥିଲେ ଓ ଜଣେ ସରଳ ବ୍ୟକ୍ତିଥିଲେ । ଏହି ବ୍ୟକ୍ତି କ'ଣ ସିରିଡି ବାବାଙ୍କର ପର ଅବତାର ହୋଇ ପାରିବେ ? ଏସବୁ ଭାବି ଦୀକ୍ଷିତ୍‌ଙ୍କର ହଠାତ୍ ଘରକୁ ବାହୁଡ଼ିଯିବା ଇଚ୍ଛାହେଲା । ଏହି ସମୟରେ ସତ୍ୟସାଇ ବାବା ଗୋଟିଏ କ୍ଷୁଦ୍ର ଶୂନ୍ୟ ପାତ୍ର ଭିତରେ ହାତ ପୁରେଇ ସିରିଡ଼ି ବାବାଙ୍କ ମୂର୍ତ୍ତି ଉପରେ ଅନର୍ଗଳ ବିଭୂତି ସୃଷ୍ଟି କରି ତାଙ୍କର ବିଭୂତି ଅଭିଷେକ କଲେ । ସେଇ ସନ୍ଧ୍ୟାରେ ନିଜ ମୁଖ ଭିତରୁ ନଅଟି ଶିବଲିଙ୍ଗ ନିର୍ଗତ କରିଥିଲେ । ତା ପରଦିନ ସନ୍ଧ୍ୟା ସମାରୋହରେ ବାବା ସମ୍ଭାଷଣ ପ୍ରଦାନ କରି କହିଲେ, ''ଏଠାକୁ ଆସୁଥିବା ଲୋକଙ୍କ ମଧ୍ୟରୁ କେତେକ ମୁଁ ଅନେକାଂଶରରେ ଜଣେ ଚିତ୍ର ତାରକା ପରି ଦେଖାଯାଉଥିବାରୁ ତଥା ମୋର ସାଲ ଓ ଅନ୍ୟ ରଙ୍ଗର ସର୍ବାଙ୍ଗ ପରିବୃତ ପୋଷାକକୁ ଓ ଅଦ୍ଭୁତ କେଶ ଶୈଳୀକୁ ନାପସନ୍ଦ କରୁଛନ୍ତି । ଗଭୀର ଦୁଃଖର ସହିତ ଦୀକ୍ଷିତ ନିଜର ଅନୁଚ୍ଚାରିତ ସମାଲୋଚନାତ୍ମକ ଚିନ୍ତାଧାରାର ପୁନରାବୃତ୍ତି କରାଯାଉଥିବା ଶୁଣିଲେ । ସତ୍ୟ ସାଇବାବା ଏହାପରେ ତାଙ୍କର ପୋଷାକ ଅଦ୍ଭୁତ କେଶଶୈଳୀ ଇତ୍ୟାଦି ସନ୍ଦେହରେ କାରଣ ମଧ୍ୟ ବୁଝେଇଲେ । ଦୀକ୍ଷିତ୍ ବୁଝିପାରିଲେ ଯେ, କାରଣ ମାନ ଅବାନ୍ତର ନୁହେଁ । ତିନିମାସ ପରେ ଦୀକ୍ଷିତ୍ ତାଙ୍କ କକା ଏଚ୍‌ଏସ୍ ଦୀକ୍ଷିତ୍‌ଙ୍କ ଏକ ଫଟୋ ଧରି ପୁଣି ପୁଟ୍ଟାପାର୍ତ୍ତି ଆସିଲେ । ସେଥର ବାବା ଅନ୍ୟାନ୍ୟ ଭକ୍ତମାନଙ୍କ ସହ ଦୀକ୍ଷିତଙ୍କୁ ମଧ୍ୟ ସାକ୍ଷତକାର କୋଠରୀକୁ ଡାକିଲେ । ସେଠାରେ ବାବା ଦୀକ୍ଷିତ୍‌ଙ୍କ ଠାରୁ ତାଙ୍କ କାକାଙ୍କ ଫଟୋଟି ନେଇ କହିଲେ, ' ଏ ତୁମର କକା ଅର୍ଥାତ୍ ବାପାଙ୍କର ସାନଭାଇ । ସିରିଡିରେ ସେ ମୋର ଜଣେ ପୁରାତନ ନିଷ୍ଠାପର ଭକ୍ତ ଥିଲେ । ଏବେ କଣ ତୁମର ଆହୁରି ସନ୍ଦେହ ରହିଛି ?' ଦୀକ୍ଷିତ୍‌ଙ୍କର ସମସ୍ତ ସନ୍ଦେହ ଦୂର ହୋଇଗଲା । ସେ ନିଶ୍ଚିତ ହୋଇଗଲେ ସତ୍ୟସାଇ ବାବା ହିଁ ସିରିଡି ବାବାଙ୍କ ପର ଅବତାର । ଏହାପରେ ସେ ବହୁବାର ପ୍ରଶାନ୍ତି ଆସିଥିଲେ । (କ୍ରମଶଃ)



# ଅଟିଜିମ୍

ଡ଼ଃ ଗୋପାଳକୃଷ୍ଣ ନନ୍ଦ
(ପ୍ରାକ୍ତନ ମନୋବିଜ୍ଞାନ ଅଧ୍ୟାପକ)
ମାର୍ଫତ୍ :ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୭୩୦୫୩୦୮

ସାମାଜିକ ଓ ମାନସିକ ସମସ୍ୟାମାନ ଅନ୍ୟ ଆନୁସଙ୍ଗିକ କାରଣ ହୋଇପାରେ । ଶିଶୁ ଜନ୍ମ ନେଲାବେଳେ କେତେକ ବିଶେଷ ଅସୁବିଧା, ଯଥା- ପ୍ରଚୁର ରକ୍ତସ୍ରାବ, ରୋଗ ପ୍ରତିରୋଧକ ଶକ୍ତିର ଅଭାବ, ଜୈବିକ ଅସ୍ୱାଭାବିକତା (ବାୟୋଲୋଜିକାଲ୍ ପ୍ରବଲେମ୍ସ), ବ୍ରେନ୍ ଆବନର୍ମାଲିଟି, ରେଟିକୁଲାର ଆକ୍ଟିଭେସନ୍ ସିଷ୍ଟମରେ କ୍ଷୁଦ୍ରାଣୁ (ଲିଜନ୍) ଥିଲେ ଅଟିଜିମ୍ ହେବାର ସମ୍ଭାବନା ଥାଏ । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମର ଆମିଡାକଲା, ହିପୋକେମ୍ପସ୍ ଭଳି ସ୍ଥାନରେ କ୍ଷତ ହୋଇଥିଲେ ବା ସ୍ନାୟୁଗତ ସମସ୍ୟା (ନ୍ୟୁରୋଲୋଜିକାଲ୍ ସମସ୍ୟା) ଥିଲେ ଅଟିଜିମ୍ ଦେଖାଦେଇପାରେ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବହୁ କାରଣମାନ ରହିଛି । ଅଟିଷ୍ଟିକ୍ ପିଲାଙ୍କୁ ଚିହ୍ନିବା କିପରି: ଅଟିଷ୍ଟିକ୍ ଆକ୍ରାନ୍ତ ପିଲା ସାଧାରଣତଃ ସିଧାସଳଖ ମୁହଁକୁ ଚାହିଁ କଥା ହେବାକୁ କୁଣ୍ଠା ପ୍ରକାଶ କରିଥାଆନ୍ତି । ମୁହଁକୁ ବୁଲେଇ ବଙ୍କାଇ ଅସ୍ୱାଭାବିକ ସ୍ୱରରେ କଥା କହିଥା'ନ୍ତି । ସେମାନଙ୍କ ଭାବଭଙ୍ଗୀ, ଚାଲିଚଳଣ ସାଧାରଣ ବୟସ୍କ ପିଲାଙ୍କଠାରୁ ଟିକିଏ ଅଲଗା ଥାଏ । ସେମାନେ ଏକୁଟିଆ ରହିବାକୁ ପସନ୍ଦ କରନ୍ତି, ନିଜକୁ ବା ଅନ୍ୟକୁ ବାଡ଼େଇବା ବା ସେହିଭଳି, କାମୁଡିବା, ଏଣେତେଣେ ବୁଲିବା, ନିଜକୁ ଆଘାତ ଦେବା, ଜୋରରେ ଚିତ୍କାର କରିଥା'ନ୍ତି । ପିଲାଟି ମନକୁ ମନ ହସେ, ଖେଳେ, ବିଭିନ୍ନ ସ୍ୱର ଭଙ୍ଗୀରେ ଉଚ୍ଚାରଣ ବେଳେବେଳେ କରିଥାଏ । କଥା କହିବା ଶୈଳୀରେ ବିଭିନ୍ନତା ବା ଅସ୍ୱାଭାବିକତା ପରିଲକ୍ଷିତ ହୁଏ । ସର୍ବଦା ନିଜ ଦୁନିଆରେ ରହିବାକୁ ଭଲ ପାଏ । କେତେକ କଥା କହିବାକୁ ଆଦୌ ପସନ୍ଦ କରନ୍ତି ନାହିଁ ବା ବିଳମ୍ବରେ କଥା କହନ୍ତି । ବେଳେବେଳେ କ୍ରୋଧରେ କର୍କଶ ବା ଟାଣ କଥା କହିପକାନ୍ତି ।

ଅକ୍ଷମତା ମାନବ ଜୀବନର ଏକ ଅଂଶବିଶେଷ । ମଣିଷ ଯେତେ ସ୍ୱାସ୍ଥ୍ୟବାନ୍, ବୁଦ୍ଧିମାନ୍ ଏବଂ କୌଶଳ ପରାୟଣ ହେଉ ପଛେ, ସମସ୍ତଙ୍କ ପାଖରେ ଅକ୍ଷମତା ବିଭିନ୍ନ ଭାବରେ ପରିଲକ୍ଷିତ ହୋଇଥାଏ । ସୁସ୍ଥ ବ୍ୟକ୍ତି ପାଖରେ ରାଗ, କ୍ରୋଧ, ଭୟ, ବିତୃଷ୍ଣା, ଆବେଗ ପ୍ରଭୃତି ମଧ୍ୟ ଦେଖାଦେଇଥାଏ । ଅକ୍ଷମତା ଭିନ୍ନକ୍ଷମ ଶିଶୁ ବା ବ୍ୟକ୍ତିମାନଙ୍କ ପାଖରେ ବିଶେଷ ଭାବରେ ଦେଖିବାକୁ ମିଳେ । ଲକ୍ଷଣ ଏବଂ କାରଣଗତ ହେତୁ ଭିନ୍ନକ୍ଷମ/ ଅକ୍ଷମତାକୁ ଏକୋଇଶ ପ୍ରକାରର ଶ୍ରେଣୀଭୁକ୍ତ କରାଯାଇପାରେ, ବିଶେଷ ଭାବରେ: ଦୃଷ୍ଟିଗତ ସମସ୍ୟା, ଶାରୀରିକ, ବୁଦ୍ଧିଗତ ଓ ବିକାଶାତ୍ମକ, ସ୍ନାୟବିକ, ରକ୍ତଗତ ଅକ୍ଷମତା ଇତ୍ୟାଦି । ଅନ୍ୟ ଭାବରେ କହିବାକୁ ଗଲେ, ଏହି ଭିନ୍ନକ୍ଷମ ଶିଶୁମାନଙ୍କ ମଧ୍ୟରୁ କିଏ କିଏ ଦୃଷ୍ଟି ବାଧିତ, ଦୃଷ୍ଟିହୀନତା, ଶ୍ରବଣ ବାଧିତ, ବାକ୍/ ଶ୍ରବଣ ବାଧିତ, ଚଳିତ ଶକ୍ତି ରହିତ, ବାମନ, ବୌଦ୍ଧିକ ଅନଗ୍ରସର, କୁଷ୍ଠରୋଗରୁ ଆରୋଗ୍ୟ ବ୍ୟକ୍ତି, ମାଂସପେଶୀ ଅନିୟମତା, ସ୍ନାୟୁ ଜନିତ ସମସ୍ୟା, ରକ୍ତ ଶିକୁଳି ଭଳି ଅସୁବିଧାରେ ପଡ଼ିଥା'ନ୍ତି । ଅଟିଜିମ୍, ବୁଦ୍ଧିଗତ ତଥା ବିକାଶାତ୍ମକ ଅକ୍ଷମତାର ଅନ୍ତର୍ଭୁକ୍ତ । ଅଟିଜିମ୍‌କୁ ସ୍ୱପରାୟଣତା/ ସ୍ୱଲୀନତା/ ଆତ୍ମବିମୋହ କୁହାଯାଇପାରେ । ଅଟିଜିମ୍ ଆକ୍ରାନ୍ତ ପିଲାମାନେ ସୁସ୍ଥ ସବଳ ଦେଖାଯାଇଥାଆନ୍ତି, ମାତ୍ର ମସ୍ତିଷ୍କର (ସ୍ନାୟୁ-ନ୍ୟୁରୋଲୋଜିକାଲ୍) ଗଠନ ବା ଆଘାତ ହେତୁ ଏବଂ କେତେକ ବିଶେଷ ଅସୁବିଧା କାରଣରୁ ସେମାନଙ୍କଠାରେ ଅକ୍ଷମତା ଦେଖାଦେଇଥାଏ । ମସ୍ତିଷ୍କର ସ୍ନାୟବିକ ଅସୁବିଧା ହେତୁ କେତେକ ପିଲା ନିଜର ଭାବକୁ ଠିକ୍ ଭାବରେ ପ୍ରକାଶ କରିପାରନ୍ତି ନାହିଁ । ସମାଜର ବା ସମବୟସ୍କ ପିଲା ବା ପରିବାରବର୍ଗ ଲୋକଙ୍କ ପାଖରେ ମଧ୍ୟ ନିଜର ଭାବକୁ ଠିକ୍ ଭାବରେ ଉପସ୍ଥାପନ କରିପାରନ୍ତି ନାହିଁ । ଶିଶୁ ଅଢ଼େଇରୁ ତିନିବର୍ଷ ହେଲା ବେଳକୁ ଅଟିଜିମର କେତେକ ଲକ୍ଷଣ ତା'ଠାରେ ବାରି ହୋଇଯାଏ । ପିତାମାତା, ପିରବାର ଲୋକ, ଆତ୍ମୀୟ ସ୍ୱଜନ ତଥା ସାଇପଡୋଶୀ ଠିକ୍ ଭାବରେ ପର୍ଯ୍ୟବେକ୍ଷଣ କଲେ, ଅଟିଜିମର ଲକ୍ଷଣମାନ ଜଣାପଡ଼ିଥାଏ । ଅଟିଜିମ୍ ଆକ୍ରାନ୍ତ ପିଲାଙ୍କ ଭିତରୁ ପ୍ରାୟ ୬୦ରୁ ୭୦ ପ୍ରତିଶତ ପିଲାଙ୍କ ପାଖରେ ବୁଦ୍ଧିଗତ ଅସ୍ୱାଭାବିକତା ଦେଖାଯାଉଥିବା ବେଳେ ଅନ୍ୟ ପିଲାମାନଙ୍କ ପାଖରେ ଅତି ବୁଦ୍ଧିମାନ ବା ସାଧାରଣ ବୁଦ୍ଧି ସମ୍ପନ୍ନ ଲକ୍ଷଣମାନ ଦେଖିବାକୁ ମିଳିଥାଏ । ଏହି ପିଲାମାନେ ବିଭିନ୍ନ ପ୍ରତିଭାର ଅଧିକାରୀ ବୋଲି ଗବେଷଣାରୁ ଜଣାଯାଏ । କାରଣ କ'ଣ ହୋଇପାରେ ? ବଂଶଗତ ବା ଶାରୀରିକ କାରଣ ହେତୁ ପ୍ରାୟତଃ ଅଟିଜିମ୍ ହୁଏ । ସାମାଜିକ ଓ ମାନସିକ ସମସ୍ୟାମାନ ଅନ୍ୟ ଆନୁସଙ୍ଗିକ କାରଣ ହୋଇପାରେ । ଶିଶୁ ଜନ୍ମ ନେଲାବେଳେ କେତେକ ବିଶେଷ ଅସୁବିଧା, ଯଥା- ପ୍ରଚୁର ରକ୍ତସ୍ରାବ, ରୋଗ ପ୍ରତିରୋଧକ ଶକ୍ତିର ଅଭାବ, ଜୈବିକ ଅସ୍ୱାଭାବିକତା (ବାୟୋଲୋଜିକାଲ୍ ପ୍ରବଲେମ୍ସ), ବ୍ରେନ୍ ଆବନର୍ମାଲିଟି, ରେଟିକୁଲାର ଆକ୍ଟିଭେସନ୍ ସିଷ୍ଟମରେ କ୍ଷୁଦ୍ରାଣୁ (ଲିଜନ୍) ଥିଲେ ଅଟିଜିମ୍ ହେବାର ସମ୍ଭାବନା ଥାଏ । ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମର ଆମିଡାକଲା, ହିପୋକେମ୍ପସ୍ ଭଳି ସ୍ଥାନରେ କ୍ଷତ ହୋଇଥିଲେ ବା ସ୍ନାୟୁଗତ ସମସ୍ୟା (ନ୍ୟୁରୋଲୋଜିକାଲ୍ ସମସ୍ୟା) ଥିଲେ ଅଟିଜିମ୍ ଦେଖାଦେଇପାରେ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବହୁ କାରଣମାନ ରହିଛି । ଅଟିଷ୍ଟିକ୍ ପିଲାଙ୍କୁ ଚିହ୍ନିବା କିପରି: ଅଟିଷ୍ଟିକ୍ ଆକ୍ରାନ୍ତ ପିଲା ସାଧାରଣତଃ ସିଧାସଳଖ ମୁହଁକୁ ଚାହିଁ କଥା ହେବାକୁ କୁଣ୍ଠା ପ୍ରକାଶ କରିଥାଆନ୍ତି । ମୁହଁକୁ ବୁଲେଇ ବଙ୍କାଇ ଅସ୍ୱାଭାବିକ ସ୍ୱରରେ କଥା କହିଥା'ନ୍ତି । ସେମାନଙ୍କ ଭାବଭଙ୍ଗୀ, ଚାଲିଚଳଣ ସାଧାରଣ ବୟସ୍କ ପିଲାଙ୍କଠାରୁ ଟିକିଏ ଅଲଗା ଥାଏ । ସେମାନେ ଏକୁଟିଆ ରହିବାକୁ ପସନ୍ଦ କରନ୍ତି, ନିଜକୁ ବା ଅନ୍ୟକୁ ବାଡ଼େଇବା ବା ସେହିଭଳି, କାମୁଡିବା, ଏଣେତେଣେ ବୁଲିବା, ନିଜକୁ ଆଘାତ ଦେବା, ଜୋରରେ ଚିତ୍କାର କରିଥା'ନ୍ତି । ପିଲାଟି ମନକୁ ମନ ହସେ, ଖେଳେ, ବିଭିନ୍ନ ସ୍ୱର ଭଙ୍ଗୀରେ ଉଚ୍ଚାରଣ ବେଳେବେଳେ କରିଥାଏ । କଥା କହିବା ଶୈଳୀରେ ବିଭିନ୍ନତା ବା ଅସ୍ୱାଭାବିକତା ପରିଲକ୍ଷିତ ହୁଏ । ସର୍ବଦା ନିଜ ଦୁନିଆରେ ରହିବାକୁ ଭଲ ପାଏ । କେତେକ କଥା କହିବାକୁ ଆଦୌ ପସନ୍ଦ କରନ୍ତି ନାହିଁ ବା ବିଳମ୍ବରେ କଥା କହନ୍ତି । ବେଳେବେଳେ କ୍ରୋଧରେ କର୍କଶ ବା ଟାଣ କଥା କହିପକାନ୍ତି । ଏକା ପ୍ରକାର କାମକୁ ବାରମ୍ବାର ମଧ୍ୟ କରିଥାଆନ୍ତି । ଆହୁରି ଅନେକ କାରଣ ମଧ୍ୟ ହୋଇପାରେ, ଯଥା- ଅଟିଷ୍ଟିକ୍ ଅସ୍ୱାଭାବିକତା (ଆସ୍ପର୍ ସିଣ୍ଡ୍ରମ୍), ରେଟ୍ ସିଣ୍ଡ୍ରମ ଇତ୍ୟାଦି । ପ୍ରତିକାର: ଅଟିଜିମ୍ ଶିଶୁମାନଙ୍କ ପାଇଁ ଏକ ସାମୟିକ ଅକ୍ଷମତା ବୋଲି ବିବେଚନା କରାଯାଇପାରେ, ଯଦିଓ କେତେକ କ୍ଷେତ୍ରରେ ବିଶେଷ ସକ୍ଷମତା ମଧ୍ୟ ପରିଲକ୍ଷିତ ହୁଏ । କେତେକ ବିଷୟ ପ୍ରତି ଧ୍ୟାନଦେଲେ କିଛିଟା ସୁଧାର ହେବାର ସମ୍ଭାବନା ଥାଏ । ବିଶେଷକରି- ପିଲାଟି ସହିତ ଧୈର୍ଯ୍ୟର ସହିତ କଥାହେବା, ତା' କଥାକୁ ବୁଝିବା । ଅନ୍ୟମାନଙ୍କ କଥାକୁ ଧୈର୍ଯ୍ୟର ସହିତ ଶୁଣିବା ପାଇଁ ଶିଶୁଟିକୁ ପ୍ରୋତ୍ସାହିତ କରିବା, ଶିଶୁଟି ଅନ୍ୟମାନଙ୍କ ସହିତ ମିଳିମିଶି ଚଳିବା ପାଇଁ ପରିବେଶ ତିଆରି କରିବା ଓ ପ୍ରୋତ୍ସାହିତ କରିବା ଏବଂ ମନସ୍ତତ୍ତ୍ୱବିତ୍, ମନରୋଗ ଡାକ୍ତର, ବାକ୍‌ଚିକିତ୍ସା ବିଶେଷଜ୍ଞ ଏବଂ ସୁଦକ୍ଷ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଶିଶୁଟିର ଚିକିତ୍ସା ଯଥାଶୀଘ୍ର କରାଇନେଲେ ଭଲ । କେତେକ ସ୍ୱତନ୍ତ୍ର ଚିକିତ୍ସା: ପ୍ରୟୋଗାତ୍ମକ ବ୍ୟବହାରିକ ସଂପରୀକ୍ଷଣ (ଆପ୍ଲାଏଡ୍ ବିହେଭିଅରାଲ୍ ଆନାଲିସିସ୍) ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା (ବିହେଭିଅର୍ ମୋଡିଫିକେସନ୍) । ଅଟିଜିମ୍ ଶିଶୁଙ୍କୁ ଚିକିତ୍ସା ଏବଂ ଶିକ୍ଷା (ଟେକ୍ ମେଥଡ-ଟ୍ରିଟ୍‌ମେଣ୍ଟ ଆଣ୍ଡ ଏଡୁକେସନ୍ ଅଫ୍ ଅଟିଷ୍ଟିକ୍ ଆଣ୍ଡ ରିଲେଟେଡ୍ କମ୍ୟୁନିକେସନ୍ ହ୍ୟାଣ୍ଡିକ୍ୟାପ୍‌ଡ ଚିଲଡ୍ରେନ୍) ଦୈନନ୍ଦିନ ଜୀବନ ଚିକିତ୍ସା/ ଜୀବନ ଚର୍ଯ୍ୟା (ଡେଲି ଲାଇଫ୍ ଥେରାପି) କଥୋପକଥନ (କମ୍ୟୁନିକେସନ୍ ଥେରାପି) ଅଟିଷ୍ଟିକ୍ ଆକ୍ରାନ୍ତ ଶିଶୁ ଅତି ସବଳ ନହେଲେ ମଧ୍ୟ ଦୁର୍ବଳ ହୁଏନାହିଁ । ତେଣୁ ଏମାନଙ୍କର ଚିକିତ୍ସାର ଆବଶ୍ୟକତା ପଡେ । ଯଥା: କଥୋପକଥନ, ଶାରିରୀକ ବ୍ୟାୟାମ , ବ୍ୟବହାରିକ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଇବା, ଖେଳ ମାଧ୍ୟମରେ କିଛି ମାତ୍ରାରେ ସୁଧାର ଆସିପାରେ । ଏମାନଙ୍କୁ ବୁଝିବା ଏବଂ ବୁଝାଇବା ତଥା ଶିକ୍ଷା ଦେବାପାଇଁ ଅସୀମ ଧୈର୍ଯ୍ୟ, ସ୍ନେହ ଆଦର ଆବଶ୍ୟକ । ସ୍ୱତନ୍ତ୍ର ତାଲିମ ପ୍ରାପ୍ତଜନିତ ଶିକ୍ଷକ/ ବ୍ୟକ୍ତି/ ଅଭିଜ୍ଞ ଡାକ୍ତରୀ ଜ୍ଞାନ ସମ୍ପନ୍ନ ବ୍ୟକ୍ତିଦ୍ୱାରା ଚିକିତ୍ସା କଲେ, ଉପକାର ମିଳିବାର ସମ୍ଭାବନା ଅଧିକ । ବିହେଭିଅରାଲ୍ କଗ୍ନିଟିଭ୍, ଏଡୁକେସନାଲ୍ ଇଣ୍ଟରଭେନ୍‌ସନ ଥ୍ରୁ ସ୍ପେସାଲ୍ ଏଡୁକେଟରସ୍‌ଙ୍କ ଦ୍ୱାରା କରାଯାଇପାରିଲେ ଅଟିଷ୍ଟିକ୍ ପିଲାଟିର ଉନ୍ନତି ହେବାର ଆଶା ରହିଛି । ଏଥିପାଇଁ ବାପା, ମାଆ, ପରିବାରର ଲୋକ, ସାହିପଡ଼ୋଶୀ ପିଲାଟିର ସମବୟସ୍କ ଅନ୍ୟ ସାଧାରଣ ଶିଶୁ ତଥା ସମାଜର ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଅଟିଜିମ୍ ପିଲାମାନଙ୍କର ବ୍ୟବହାରିକ ତଥା ପ୍ରଜ୍ଞା ପ୍ରକାଶ ପାଇଁ ଅନୁକୂଳ ପରିସ୍ଥିତି ପ୍ରସ୍ତୁତ କରିବା, ପସନ୍ଦ ଏବଂ ଗ୍ରହଣୀୟ ଶିକ୍ଷା ପଦ୍ଧତି, ଦକ୍ଷ ଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ । ଆମକୁ ମନେ ରଖିବାକୁ ହେବ ଯେ ସଠିକ୍ ଧାରାରେ ହିଁ ଯିବା ଦରକାର । ସେମାନଙ୍କ ପାଇଁ ସମାଜରେ ସମୟ ଓ ସ୍ଥାନ ବାହାର କରିବା ଜରୁରୀ । ଅଟିଜିମ୍ ଏକ ବିକାଶ ବାଧକ ପ୍ରକ୍ରିୟା । ଖାଲି ଦେଢ଼ବର୍ଷରୁ ୩ବର୍ଷ ପିଲା ନୁହଁନ୍ତି କେତେକ କ୍ଷେତ୍ରରେ ୮-୯ ବର୍ଷରେ ମଧ୍ୟ ଅଟିଜିମ୍ ପରିଲକ୍ଷିତ ହୁଏ । ଅଟିଜିମ୍ ଗୋଟିଏ ସାମାଜିକ କଥୋପକଥନ ଅନିମିୟତା । ଆଜି ବହୁବିଧ ସୁବିଧା ଏବଂ ବ୍ୟବସ୍ଥାମାନ ଉପଲବ୍ଧ ହେଲାଣି । ଅଟିଷ୍ଟିକ୍ ପିଲାଙ୍କୁ ଭଲ କରିବାରେ ଚାରିଜଣଙ୍କର ପ୍ରମୁଖ ଭୂମିକା ରହିଛି । ଯଥା: ପିତା, ମାତା, ଶିଶୁ ମନୋଚିକିତ୍ସକ ଓ ଦକ୍ଷ ତାଲିମ ପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକ । ପିଲାଟି ଏକ ମୁହୂର୍ତ୍ତରେ କ'ଣ କରୁଛି ତାଙ୍କୁ ବିଚାରକୁ ନେଇ ଆନୁସଙ୍ଗିକ ସୁବିଧା ଯୋଗାଇବା ଦରକାର । ଅଟିଜିମ୍ ଏକ ରୋଗ ଅସୁସ୍ଥତା ଅଂଶଭୁକ୍ତ ବୋଲି ଭାବିବା ଠିକ୍ ହେବନି, ବରଂ ଏହା ଏକ ଭିନ୍ନ ଧରଣର ବ୍ୟବହାର ବୋଲି ଧରି ସୁଧାର ଆଣିବାକୁ ଚେଷ୍ଟିତ ହେଲେ, ଅଟିଷ୍ଟିକ୍ ଶିଶୁଟି ସୁସମାଜର ମୁଖ୍ୟ ସ୍ରୋତକୁ ଫେରିବାର ସମ୍ଭାବନା ରହିଛି । ପ୍ରତିବର୍ଷ ଅପ୍ରେଲ ୨ ତାରିଖକୁ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଭାବରେ ପାଳନ କରାଯାଉଛି । ଶିଶୁମାନେ ହେଉଛନ୍ତି, ଦେଶର ଭବିଷ୍ୟତ । ଶିଶୁ ହସିଲେ ଜଗତ ହସେ । ଅଟିଷ୍ଟିକ୍ ଅକ୍ଷମତାସମ୍ପନ୍ନ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷ, ପରିବାର ଲୋକ, ସରକାର ତଥା ସ୍ୱତନ୍ତ୍ର ଶିକ୍ଷା ତାଲିମପ୍ରାପ୍ତ ଶିକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ସମସ୍ୟା ଆଡକୁ ସାମାନ୍ୟ ଦୃଷ୍ଟିଦେଲେ, ଅଟିଜିମ୍ ପିଲାମାନଙ୍କର ମେଧାର ବିକାଶ ଘଟିବ, ସମାଜର ବିକାଶରେ ସେମାନେ ମଧ୍ୟ ଅଂଶୀଦାର ହୋଇପାରିବେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା ।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୬)



ଶ୍ରୀ ଅଭିରାମ ସରସ୍ୱତୀ

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୭)

ଲୋଡା ନାହିଁ ମୋର ସାରା
ଜଗତ ତୋ ନାମ ମୋ ହୃଦେ
କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ (୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ସମଗ୍ର ବିଶ୍ୱ ଆଜି ସନ୍ତ୍ରାସବାଦ ସମସ୍ୟାରେ ଜର୍ଜରିତ



ଉମାଶଙ୍କର ପ୍ରସାଦ
ସମ୍ପାଦକ ମାର୍ଗଦର୍ଶୀ
ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

ଆଜିର ଆଧୁନିକ ବିଶ୍ୱ କ୍ଷୁଧା ଓ ଅନାହାରଠୁ ବଳି ଆଉ ଏକ ଭୟଙ୍କର ସମସ୍ୟାରେ ଜର୍ଜରିତ ଯାହା ହେଲା 'ସନ୍ତ୍ରାସବାଦ' । ଆଜି ଏହା କୌଣସି ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସମସ୍ୟା ନହୋଇ ସମଗ୍ର ବିଶ୍ୱର ସମସ୍ୟାରେ ପରିଣତ ହୋଇଛି । ଅନେକାଂଶ ଇଉରୋପୀୟ ଏବଂ ଏସୀୟ ରାଷ୍ଟ୍ର ଏହା କବଳରେ କବଳିତ । ଯେ କୌଣସି ଲକ୍ଷ୍ୟ ବା ଉଦ୍ଦେଶ୍ୟ ନେଇ ଏହା କରାଯାଉନା କାହିଁକି, ଏହା ଯେ ଏକ ପୈଶାଚିକ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ । କୌଣସି ଏକ ରାଜନୈତିକ ଲକ୍ଷ ହାସଲ କରିବା ଉଦ୍ଦେଶ୍ୟରେ ହିଂସାତ୍ମକ ପନ୍ଥା ଅବଲମ୍ବନ ହିଁ ହେଉଛି 'ସନ୍ତ୍ରାସବାଦ' । ଏହି ସନ୍ତ୍ରାସବାଦୀମାନେ ହତ୍ୟା, ଲୁଟ ତରାଜ, ଇତ୍ୟାଦି ଚଳାଇ ଶାସନ କଳକୁ ବିପର୍ଯ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଦେଶରେ ଏକ ଆତଙ୍କର ବାତାବରଣ ସୃଷ୍ଟି କରନ୍ତି । ଏହି ସନ୍ତ୍ରାସବାଦ ଶବ୍ଦଟି ରାଜନୈତିକ ଆନ୍ଦୋଳନ ସହିତ ସମ୍ପୃକ୍ତ ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ଆଗନ୍ତୁକ କହିବା ଭୁଲ । ପୃଥିବୀର ଇତିହାସରେ ଅତୀତରେ ବହୁ ରାଜନୈତିକ ଘନଘଟା ଘଟିଯାଇଛି । ଭୟାବହ ଗଣବିପ୍ଳବ ଘଟି ବହୁରାଜଶକ୍ତି କ୍ଷମତାଚ୍ୟୁତ ହୋଇଛନ୍ତି । ଫ୍ରାନ୍ସ, ଋଷ, ଆମେରିକା ଇତ୍ୟାଦି ରାଷ୍ଟ୍ରର ଗଣବିପ୍ଳବ ହେଉଛି ଏହାର ପ୍ରମାଣ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଫରାସୀର ଲୁଇ ଶାସନ ବିରୁଦ୍ଧରେ ଜନ ଆନ୍ଦୋଳନ ଘଟି ଯେଉଁ ରକ୍ତାକ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହା ମଧ୍ୟ ସନ୍ତ୍ରାସବାଦର ଏକ ଅଙ୍ଗ ବୋଲି ବିଚାର କରିବାକୁ ହେବ । ଉଗ୍ରବାଦର ଶିକାର ହୋଇ ବହୁ ରାଷ୍ଟ୍ରନେତା ଓ ବିଶିଷ୍ଟ ବ୍ୟକ୍ତି ମୃତ୍ୟୁ ବରଣ କରିଛନ୍ତି । ଆମେରିକାର ସିଭିଲ ୱାର (୧୮୬୧-୬୫) ପରେ ଦକ୍ଷିଣାଞ୍ଚଳର ବିଦ୍ରୋହିମାନେ କଙ୍କ-କକ୍ଷଙ୍କଙ୍ଘ କକ୍ଷବଭ ନାମରେ ଗୋଟିଏ ସନ୍ତ୍ରାସବାଦୀ ଅନୁଷ୍ଠାନ ଗଠନ କରି ସଂସ୍କାରବାଦୀଙ୍କ ପ୍ରତି ଭୟ ପ୍ରଦର୍ଶନ କରିବାକୁ ଆରମ୍ଭ କରିଥିଲେ । ଉନବିଂଶ ଶତାବ୍ଦୀର ଶେଷଭାଗରେ ଇଉରୋପ, ଆମେରିକା ଓ ଋଷ ପ୍ରଭୃତି ରାଷ୍ଟ୍ରରେ ଅରାଜକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସନ୍ତ୍ରାସବାଦର ସାହାଯ୍ୟ ନିଆ ଯାଇଥିଲା । ସନ୍ତ୍ରାସବାଦୀମାନଙ୍କର ଧାରଣା ଥିଲା ରାଜନୈତିକ ଲୋକଙ୍କୁ ହତ୍ୟାକଲେ ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ସମ୍ଭବ ହେବ । ସେଥିପାଇଁ ୧୮୬୫ ମସିହାରୁ ୧୯୦୫ ମଧ୍ୟରେ ଅନେକ ଶାସନମୁଖ୍ୟ, ରାଜା, ରାଷ୍ଟ୍ରପତି, ପ୍ରଧାନ ମନ୍ତ୍ରୀ ଏବଂ ଅନ୍ୟାନ୍ୟ ସରକାରୀ ଅଫିସର ମାନଙ୍କୁ ଉଗ୍ରବାଦୀମାନେ ହତ୍ୟା କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ଷୋଡଶ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍ ୧୮୬୫ ମସିହାରେ ଆତତାୟୀର ଗୁଳିଚୋଟରେ ପ୍ରାଣ ହରାଇଥିଲେ । ୧୮୮୧ ରେ ଋଷର ସମ୍ରାଟ ଜାର ଦ୍ୱିତୀୟ ଆଲେକ୍‌ଜାଣ୍ଡାର ବୋମା ବିସ୍ଫୋରଣରେ ନିହତ ହୋଇଥିବା ବେଳେ ଅଷ୍ଟ୍ରିଆର ସାମ୍ରାଜ୍ଞୀ ଏଲିଜାବେଥ୍ ଙ୍କୁ ୧୯୧୮ ମସିହାରେ, ସମ୍ରାଟ ଦ୍ୱିତୀୟ ନିକୋଲାସଙ୍କୁ ସପରିବାର ହତ୍ୟାକରିଥିଲେ । ସେହିଭଳି ଭାରତର ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଜେନେରାଲ ବୈଦ୍ୟ ଏବଂ ରାଜୀବ ଗାନ୍ଧୀ ସନ୍ତ୍ରାସବାଦର ଶିକାର ହୋଇ ଜୀବନ ହରାଇଥିଲେ । ସାମ୍ପ୍ରତିକ କାଳରେ ସନ୍ତ୍ରାସବାଦର ସ୍ୱରୂପ ଓ କାର୍ଯ୍ୟଧାରାରେ ବହୁ ପରିବର୍ତ୍ତନ ଘଟିଛି । ବିଶେଷକରି ଅତ୍ୟାଧୁନିକ ମାରଣାସ୍ତ୍ର ଓ ଉଚ୍ଚଶକ୍ତିସମ୍ପନ୍ନ ବିସ୍ଫୋରକ ଦ୍ରବ୍ୟର ଉଦ୍ଭାବନ, ଯୋଗାଯୋଗ ଓ ପରିବହନ କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ଇତ୍ୟାଦି ଫଳରେ ସନ୍ତ୍ରାସବାଦୀମାନେ ଅଧିକ ଶକ୍ତିଶାଳୀ ହୋଇପଡିଛନ୍ତି । ସେମାନେ ବ୍ୟାପକ ଭାବରେ ସେମାନଙ୍କର କାର୍ଯ୍ୟକ୍ରମ ଚଳାଇବାକୁ ସକ୍ଷମ ହୋଇଛନ୍ତି । ସନ୍ତ୍ରାସବଦୀମାନେ କ୍ଷେପଣାସ୍ତ୍ର ବ୍ୟବହାର କରିବା ସଙ୍ଗେ ସଙ୍ଗେ ଦୂର ନିୟନ୍ତ୍ରଣକାରୀ ରିମୋଟ କଣ୍ଟ୍ରୋଲ ଯନ୍ତ୍ର ସାହାଯ୍ୟରେ ଅଧିକ ନିରାପଦରେ ଆନ୍ତର୍ଘାତୀ କାର୍ଯ୍ୟକଳାପମାନ ଚଳାଇବାକୁ ସକ୍ଷମ ହୋଇ ପାରିଛନ୍ତି । ଗୋପନ ବେତାର କେନ୍ଦ୍ର ସ୍ଥାପନ କରି ସେଠାରୁ କାର୍ଯ୍ୟକ୍ରମ ଓ ଖବର ପ୍ରଚାର କରି ଜନମତକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥାନ୍ତି । ଆଜିକାଲି ସନ୍ତ୍ରାସବାଦୀମାନେ କେବଳ କେତେକ ବ୍ୟକ୍ତି ବିଶେଷଙ୍କୁ ହତ୍ୟା କରିବାର କର୍ଯ୍ୟରେ ସୀମାବଦ୍ଧ ହୋଇ ନରହି ବିସ୍ଫୋରଣ ଜରିଆରେ ସରକାରୀ ସମ୍ପତ୍ତି ନଷ୍ଟ କରିବା ସହ ବିମାନ ଅପହରଣ କରିନେଇ ଯାତ୍ରୀମାନଙ୍କୁ ପଣବନ୍ଦୀ କରିନେଉଛନ୍ତି । ଦେଶର ନଦୀବନ୍ଧ, କେନାଲ ବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ପ୍ରତି ଭୟ ସୃଷ୍ଟି କରିବାରେ ଲାଗିଛନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଶରେ ସନ୍ତ୍ରାସବାଦର ମୂଳକାରଣ ଭିନ୍ନ ଭିନ୍ନ ଅଟେ । ଇଂଲଣ୍ଡ ଓ ଆୟାରଲ୍ୟାଣ୍ଡ, ଆଲଜେରିଆ ଓ ଫ୍ରାନ୍ସ, ଇରାକ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ରାଷ୍ଟ୍ର ମଧ୍ୟରେ ଯେଉଁ ସଙ୍ଘର୍ଷ ଚାଲିଛି ବା ଚାଲିଥିଲା ତାହା ହେଉଛି ଉପନିବେଶବାଦ ବିରୋଧି ଆନ୍ଦୋଳନ । ପାଲେଷ୍ଟାଇନ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଙ୍ଘର୍ଷର କାରଣ ହେଉଛି ନିଜର ମାତୃଭୂମିକୁ ଫେରି ପାଇବାର ଦାବୀ । ପାଲେଷ୍ଟିନୀୟମାନେ ଦୀର୍ଘ ଚାରି ଦଶନ୍ଧିରୁ ଅଧିକ କାଳ ଧରି ନିଜର ଏକ ସ୍ୱାଧୀନ ମାତୃଭୂମି ପାଇଁ ଆନ୍ଦୋଳନ ଚଳାଇ ଆସିଛନ୍ତି । ପାଲେଷ୍ଟାଇନର ଇହୁଦୀ ଅଂଚଳ ମଧ୍ୟରେ ୧୯୪୮ ମସିହାରେ ଇସ୍ରାଏଲ ନାମରେ ଏକ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରାଯିବା ପରଠାରୁ ଏଠାରେ ଆନ୍ଦୋଳନ ଆରମ୍ଭ ହୋଇଛି ଏବଂ ପାଲେଷ୍ଟାଇନ ମୁକ୍ତି ସଂଗଠନ ନାମରେ ଏକ ସଂସ୍ଥା ଗଠନ କରାଯାଇ ଆନ୍ଦୋଳନ ତତ୍‌ସହିତ_ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚାଲୁ ରଖା ଯାଇଛି । ଆଧୁନିକ ବିଶ୍ୱରେ ଇସଲାମିକ ରାଷ୍ଟ୍ରଗୁଡିକ ଅଧିକ ପରିମାଣରେ ସନ୍ତ୍ରାସବାଦ ଦ୍ୱାରା କବଳିତ । ୧୯୯୨-୯୩ ରେ ବମ୍ବେ ଓ ନିଉୟର୍କରେ କରାଯାଇଥିବା ବୋମା ବିସ୍ଫୋରଣ ଓ ଇଜିପଟ, ଆଲଜେରିଆ ଓ ଟ୍ୟୁନିସିଆ ପ୍ରଭୃତି ରାଜ୍ୟରେ ଚାଲିଥିବା ଆତଙ୍କରାଜ ପାଇଁ ମୁସଲିମ ସନ୍ତ୍ରାସବାଦୀମାନଙ୍କୁ ଦାୟୀ କରାଯାଇଛି । ଏପରିକି ଆଫଗାନିସ୍ଥାନ, ରାଜିକସ୍ଥାନ, ଉଜବେକିସ୍ଥାନ ଓ ପାଲେଷ୍ଟାଇନ୍ ପ୍ରଭୃତିର ସଂଘର୍ଷକୁ ଇସ୍‌ଲାମିକ ସନ୍ତ୍ରାସବାଦ ବୋଲି କୁହାଯାଉଛି । ଗତ ୨୦୦୧ ମସିହା ନଭେମ୍ବର ମାସରେ ଆମେରିକାର ବିଶ୍ୱବାଣିଜ୍ୟ ସଂସ୍ଥାର ସୁଉଚ୍ଚ ଅଟ୍ଟାଳିକାକୁ ତାଲିବାନ ସନ୍ତ୍ରାସବାଦୀମାନେ ଯେଉଁଳି ପୋଡି ଛାରଖାର କରିଦେଲେ ତାହା କମ୍ ଉଦବେଗର କଥା ନୁହେଁ । ଭାରତ ସମେତ ପୃଥିବୀର ବିଭିନ୍ନ ଅଂଚଳରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ସନ୍ତ୍ରାସବାଦୀ ସଙ୍ଗଠନ କାର୍ଯ୍ୟ କରୁଛନ୍ତି । ସେଥିମଧ୍ୟରୁ ହରକତ-ଉଲ-ମୁଜାହିଦ୍ଦିନ, ଜୈସ-ଇ-ମହମ୍ମଦ, ଅଲ-ଜିହାଦ, ଲକ୍ସର -ଇ-ତଇବା, ଲକ୍ସର-ଇ-ଝାଙ୍ଗବି ଇତ୍ୟାଦି ଶକ୍ତିଶାଳୀ ସଂଗଠନର ପେଣ୍ଠସ୍ଥଳୀ ହେଉଛି ପାକିସ୍ଥାନ । ବର୍ତ୍ତମାନ ଭାରତର କାଶ୍ମୀରରେ ଯେଉଁ ଭୟାବହ ଅରାଜକତା ସୃଷ୍ଟି କରାଯାଉଛି, ଏହା ପଛରେ ପାକିସ୍ଥାନର ପ୍ରଚ୍ଛନ ହାତ ଅଛି ବୋଲି ପ୍ରମାଣିତ ହୋଇସାରିଛି । ବିଗତ ଦିନରେ ଘଟିଥିବା ବମ୍ବେ ବିସ୍ଫୋରଣ ୧୯୯୩ ରେ ସଂପୃକ୍ତ ସମସ୍ତ ଆସାମୀ ହେଉଛନ୍ତି ମୁସଲିମ୍ । ପାକିସ୍ଥାନ ତା'ର ନିଜ ଅଞ୍ଚଳରେ କ୍ୟାମ୍ପ ପକାଇ ଭାରତ ବିରୋଧରେ ସନ୍ତ୍ରାସବାଦୀମାନଙ୍କୁ ତାଲିମ ଦେଉଛି । ସେମାନଙ୍କୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ନୈତିକ ସମର୍ଥନ ଯୋଗାଇ ଭାରତରେ ଅସ୍ଥିରତା ଓ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି । ୱାଶିଂଟନ ପୋଷ୍ଟରେ ପ୍ରକାଶିତ ଏକ ସମ୍ବାଦ ଅନୁଯାୟୀ ୧୯୮୯ ରେ ଆଫଗାନ ଯୁଦ୍ଧ ପରେ ପାକିସ୍ଥାନ ଦଶହଜାର ମୁସଲିମ ଉଗ୍ରପନ୍ଥୀ ଙ୍କୁ ତାଲିମ ଦେଉଛି ଯାହା ଏବେ ମଧ୍ୟ ଅବ୍ୟାହତି ରହିଛି । ଏବେ ସଦ୍ୟ ଘଟିଥିବା ରୁଷିଆର ପ୍ରଭାବଶାଳୀ ନେତା ଭ୍ଲାଦିମିର ପୁତିନ୍ ପଞ୍ଚମ ଥର ପାଇଁ ରୁଷିଆର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହେବାର ମାତ୍ର ୪ ଦିନ ପରେ ରାଜଧାନୀ ମସ୍କୋ ନଗରୀରେ ଘଟିଥିବା ଏକ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ସମଗ୍ର ବିଶ୍ୱକୁ ସ୍ତବ୍ଧ ତଥା ଚକିତ କରିଦେଇଛି । ମସ୍କୋର କନସର୍ଟ ହଲ୍ ରେ ଘଟିଥିବା ଏହି ଘଟଣା ପଛରେ ଆଇ ଏସ ଆଇ ଏସ- କେ ର ସମ୍ପୃକ୍ତି ଅଛି ଯାହାକୁ ଆମେ ଇସଲାମିକ ଷ୍ଟେଟ ଖୋରାସନ କୁହାଯାଏ । ଅନ୍ୟ ଅର୍ଥରେ ଏହି ଆତଙ୍କ ଘଟାଇଥରବା ଇସଲାମୀୟ ଆତଙ୍କୀ ସଂଗଠନର ବିଶେଷ ଭୂମିକା ଥିବା ବେଳେ ପୁତିନ ଏହି ଘଟଣା ପଛରେ ୟୁକ୍ରେନକୁ ଦାୟୀ କରିଛନ୍ତି । ମସ୍କୋର ଏହି କ୍ରୋକସ୍ ସିଟି ହଲରେ ଆୟୋଜିତ ଏକ ସଂଗୀତ ପରିବେଶଣ କାର୍ଯ୍ୟକ୍ରମରେ ୬୦୦୦ ଦର୍ଶକ ଉପଭୋଗ କରୁଥିବା ବେଳେ ସେନା ପୋଷାକ ପରିଧାନ କରିଥିବା କେତେକ ଅଜଣା ଯୁବକ ନିଜ ପାଖରେ ରଖିଥିବା ଏ.କେ-୪୭ ରାଇଫଲରୁ ଦର୍ଶକଙ୍କ ଉପରକୁ ଆଖିବୁଜା ଗୁଳିବର୍ଷଣ ସହିତ ପ୍ରବଳ ଗ୍ରେନେଡ୍ ମାଡ ମଧ୍ୟ କରିଥିଲେ । ଏହି ଆତଙ୍କବାଦୀଙ୍କ ବର୍ବରତା ସେତିକିରେ ସମାପ୍ତ ହୋଇନଥିଲା । ଗୁଳିକାଣ୍ଡ ପରେ ପରେ ଦହନଶୀଳ ତରଳ ପଦାର୍ଥ ଦ୍ୱାରା ସେହି ହଲରେ ନିଆଁ ମଧ୍ୟ ଲଗାଇ ଦେଇଥିଲେ । ଏହି ନୃଶଂସ ଆକ୍ରମଣରେ ୧୫୦ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୨୦୦ ଲୋକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାରତ । କିନ୍ତୁ ଏହି ଆକ୍ରମଣ ପଛରେ ୟୁକ୍ରେନର ହାତ ଥିବା କଥାକୁ ସମ୍ପୂର୍ଣ୍ଣ ଖଣ୍ଡନ କରାଯାଇଛି । ତେବେ ଏତେବଡ ଆତଙ୍କବାଦୀ ଆକ୍ରମଣକୁ ଆମେରିକ, ଫ୍ରାନ୍ସ, ବ୍ରିଟେନ, ଚୀନ ଓ ଭାରତ କଡ଼ାଭାଷାରେ ନିନ୍ଦା କରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଜଘନ୍ୟ ବିଭତ୍ସ ଭିଡିଓ ଚିତ୍ର ଆଇଏସଆଇଏସ ପକ୍ଷରୁ ଜାରି କରାଯାଇଛି । ଆତଙ୍କବାଦୀଙ୍କ ଏପରି ଘଟଣା ଯେଉଁ ଦେଶରେ ଘଟୁନା କାହିଁକି ଏହାକୁ ମାନବିକତା ବିରୋଧରେ ଆକ୍ରମଣ ରୂପେ ଧରିବାକୁ ହେବ । ଆଜିର ଏହି ଆତଙ୍କବାଦୀ ସଂଗଠନ ବିରୋଧରେ ସମସ୍ତ ଦେଶ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି ସମ୍ମିଳିତ ଅଭିଯାନ ଚଳାଇବାର ସମୟ ଆସିଛି । ଆଜି ରୁଷରେ ଯାହା ଘଟିଲା ତାହା ଆଗକୁ ଅନ୍ୟଦେଶ ମାନଙ୍କରେ ନଘଟିବ ତାହା କହିବା ମୁସ୍କିଲ । ତେଣୁ ସମସ୍ତ ଦେଶର ରାଷ୍ଟ୍ରମୁଖ୍ୟ ଏହାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପଦକ୍ଷେପ ନେବାର ସମୟ ଆସିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



# ଠିକ୍ କାମ



**ରମେଶ ଚନ୍ଦ୍ର ଦାଶ**

ସ୍ୱଛତା ରକ୍ଷା କରିବା ନିମନ୍ତେ ନରିପୁର ଗାଆଁରେ ଦିନେ ଗୋଟିଏ ସଭା ହେଉଥାଏ । ସଭା ପୂର୍ବରୁ କେତେକ ଲୋକ ଗାଁ ଦାଣ୍ଡ ସଫା କରିଥାଆନ୍ତି । ପରିବେଶ ସଫା ରହିଲେ, ମନ ପ୍ରଫୁଲ୍ଲ ରହେ । ମନ ପ୍ରଫୁଲ୍ଲ ରହିଲେ କାମ କରିବାକୁ ଆଗ୍ରହ ଆସେ ଏକଥା ସଭାରେ ବିଭିନ୍ନ ବକ୍ତାମାନେ କହିଲେ । ସଭା ଶେଷରେ ଖାଇବା ବନ୍ଦୋବସ୍ତ ହୋଇଥିଲା । ଅତିଥିମାନଙ୍କ ସହିତ ସମସ୍ତେ ଖାଇଲେ । ଖାଇବା ଶେଷରେ ଅତିଥିମାନେ ଉଠିଲେ । ସେମାନଙ୍କ ପତ୍ର ସେହିପରି ପଡ଼ିଥାଏ । ଆଉ କେତେକ ଲୋକ ଖାଇବାକୁ ରହିଥାଆନ୍ତି ।

ଏତିକି ବେଳେ ରୋବଟ୍ ନାମକ ପିଲାଟିଏ ସେଠାରେ ଥିଲା । ସେ ସଙ୍ଗେ ସଙ୍ଗେ ପାଟି କରି କହିଲା, 'ସ୍ୱଚ୍ଛତା କଥା କହୁଥିବା ଅତିଥିମାନେ ନିଜ ଖାଇବା ପତ୍ର ଛାଡ଼ି ଅସନା କରିଛନ୍ତି, ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି ଯେ ସେହି ମହାଶୟମାନେ ଆସି ନିଜ ପତ୍ରକୁ ନେଇ ଆବର୍ଜନା କୁଣ୍ଡରେ ପକାନ୍ତୁ ।' ଏକଥା ଅତିଥିମାନଙ୍କ କାନରେ ବାଜିଲା । ସେମାନେ ହାତ ଧୋଇ ସାରିଥିଲେ ବି ଆସି ନିଜ ନିଜର ପତ୍ର ଉଠାଇଲେ । ଗ୍ରାମର ମୁଖିଆ କିନ୍ତୁ ରାଗି ଲାଲ୍ ପଡ଼ିଗଲେ । ଅତିଥିମାନେ ଯିବା ପରେ ରୋବଟ୍‌କୁ ଗାଳି କଲେ । ସେ କହିଲେ, 'ଅତିଥିମାନଙ୍କୁ ଏପରି କହିବା ଅସମ୍ମାନଜନକ କଥା ।' ରୋବଟ୍ କିନ୍ତୁ ଶୁଣିଲା ନାହିଁ । ସେ କହିଲା 'ଯେଉଁ କାମକୁ ଆମେ ନିଜେ ନକରିବା ସେହି କାମକୁ ଅନ୍ୟମାନେ କରିବାକୁ କହିବା କିପରି ?' ତାର ଯୁକ୍ତି ଆଗରେ ମୁଖିଆ ହାର୍ ମାନିଲେ । ରୋବଟର ଏହି କଥା ପରଦିନ ବିଦ୍ୟାଳୟରେ ଆଲୋଚନା ହେଲା । ପ୍ରଧାନଶିକ୍ଷକ କହିଲେ, 'ରୋବଟ୍ ଠିକ୍ କାମ କରିଛି ।'

ସେ ଏଥିରେ ଅଧିକ ଉତ୍ସାହିତ ହେଲା । ଗ୍ରାମରେ ସ୍ୱଚ୍ଛତା ପାଇଁ ଗୋଟିଏ ସଂଗଠନ କରାଗଲା । ତା ପରବର୍ଷ ପୁଣି ସେହି ଅତିଥିମାନଙ୍କୁ ଡକାଗଲା । ସେମାନେ ଗାଆଁର ପରିବେଶ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସ୍ୱଚ୍ଛ ଗ୍ରାମ ଭାବରେ ସେହି ଗ୍ରାମଟି ପୁରସ୍କାର ପାଇଲା ।

*ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨*
*ମୋ- ୯୭୭୬୨୩୮୫୨୨*

# ଚଇତ ପ୍ରବେଶ କଲା



**ସୁରମା ମିଶ୍ର**

ଫଗୁଣ ମେଲାଣି ନେଲା
ଚଇତ ପ୍ରବେଶ କଲା
ସଞ୍ଜ ହେଉ ହେଉ ମଲ୍ଲୀଫୁଲ ଫୁଟି
ବାସ ତାର ଚହଟିଲା

ଦୋଳ ମେଳଣ ସରିଲା
ଦଣ୍ଡନାଚ ଆରମ୍ଭିଲା
ଦଣ୍ଡ ପାଟୁଆଏ ମଣିମା ମଣିମା
ଡାକି କରୁଥାନ୍ତି ହଲ୍ଲା

ପଣା ସଙ୍କରାନ୍ତି ଦିନ
ବ୍ରତ ହୁଏ ସମାପନ

ବ୍ରତଧାରୀ ମାନେ ନିଆଁରେ ଚାଲନ୍ତି
ହୁଏ ଜନ ସମାଗମ

ମହାଦେବଙ୍କର ଏ ବ୍ରତ
ନିଷ୍ଠାରେ ହୁଏ ପାଳିତ
ଭୋଳାନାଥଙ୍କର କରୁଣା ପାଇଁକି
ପାଳନ କରନ୍ତି ଭକ୍ତ

ଆମ ପରମ୍ପରା ଏତ
ଝାମୁ ଜାତ ନାମେ ଖ୍ୟାତ
ମାନସିକ କରି ବ୍ରତଧାରୀ ମାନେ
କରିଥାନ୍ତି ଏହି ବ୍ରତ

ରାତିସାରା ନାଚଗୀତ
ଗାଁ ଦାଣ୍ଡ ପ୍ରକମ୍ପିତ
ଅନିଦ୍ରା ରହିଣ ଦେଖନ୍ତି ସଭିଏଁ
ମନ ହୁଏ ପୁଲକିତ

ଖରାର ତାପ ବଢ଼ଇ
ଦେହରୁ ଝାଳ ବୁହଇ
ପଣା ପାଣି ଟିକେ ପିଇବା ପାଇଁକି
ଆତୁର ମନ ହୁଅଇ

ଆସ ଗଛ ଲଗାଇବା
ଖରାରୁ ରକ୍ଷା ପାଇବା
ଗଛ ଛାଇତଳେ ଖୁସି ମନେ ଆମେ
ଶାନ୍ତିରେ ଟିକେ ବସିବା

ଗଛଟି ମାଆ ସମାନ
ସିଏଟି ଆମ ଜୀବନ
ବଞ୍ଚାଇବା ପାଇଁ ଭରିଦେଉଅଛି
ଭରପୁର ଅମ୍ଳଜାନ

ଗଛଟିର ଉପକାର
ରଖିବା ମନେ ଆମର
ପିଲାଟିଏ ପରି ପାଳିବା ଗଛକୁ
ଯତନ ନେବାରେ ତାର ।

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ପାଠ ପଢ଼ି ନୂଆ କଥା ଶିଖିବି

**ପ୍ରଫୁଲ୍ଲ କୁମାର ସାହୁ**



ପାଠ ପଢ଼ିବି ମୁଁ ପାଠ ପଢ଼ିବି
ପାଠ ପଢ଼ି ନୂଆ କଥା ଶିଖିବି
ଆଗକୁ ଆଗକୁ ଯିବି,
ନୂଆ କଥା ଶିଖି କାମରେ ଲଗାଇ
ବଡ଼ ମଣିଷ ମୁଁ ହେବି । ୧

ଯାଇଥିଲା ଶେଷ ପରୀକ୍ଷା ସରି
ଏବେ ଯାଇଛି ତା'ଫଳ ବାହାରି
ଉପର ଶ୍ରେଣୀକୁ ଯାଇ,
ଉପର ଶ୍ରେଣୀରେ ପାଠ ମୁଁ ପଢିବି
ନୂଆ ବହି ମୋର ନେଇ । ୨

ପଚାରି ବୁଝିବି ଅବୁଝା ପାଠ
ନକରିବି ନିଜ କାମରେ ମଠ
ଅଭ୍ୟାସ ବଳରେ ନିତି,
ମୋର ପିଲାବେଳ ହସ ଖୁସିରେ ମୁଁ
ପାଠ ସହ ଦେବି କାଟି । ୩

ପଢିବିରେ ପାଠ ଖେଳିବି ଖେଳ
ଦେହରେ ଯେ ମୋର ବଢ଼ିବ ବଳ
ନିରୋଗ ରହିବ ଦେହ,
ସବୁ ଖେଳରେ ମୁଁ ହୋଇବି ଆଗୁଆ
ସବୁଠାରେ ହେବ ଜୟ । ୪

ସାଥୀ ପିଲାଙ୍କର ସହିତ ମିଶି
ମୋ ଗାଆଁ କଥା ମୁଁ ଭାବିବି ବସି
ତାହାର ଉନ୍ନତି ପାଇଁ,
ଖଟାଇ ମୋ ବଳ କରିଯିବି କାମ
ନିଜର ସମୟ ଦେଇ । ୫

*ପ୍ରଧାନଶିକ୍ଷକ, ନାହାଙ୍ଗ କେନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାହାଙ୍ଗା, କଟକ- ୭୫୪୨୦୭*
*ମୋ- ୭୬୦୯୦୪୪୩୮୩*



# ଘର ଚଟିଆ

**ଗୋପୀନାଥ ଦାଶ**

ଚାଲୁ ନାହିଁ ଖାଲି ଡେଉଁଥାଉ ତୁହି
ଶବଦ କିଚିରି ମିଚିରି,
ବସା କରି ରହୁ ଚାଳ ଛପର ଘରେ
ଘର ଚଟିଆ ନାଁ ତୋହରି ।

ଖୋଜି ବୁଲୁଥାଉ ଶସ୍ୟ ମଞ୍ଜିଦାନା
ଏଇଠି ସେଇଠି ଦିନ ସାରା,
ସୂରୁଜ ନଇଁଲେ ନୀଡ଼କୁ ଲେଉଟୁ
ବିଶ୍ରାମ ନେଉ ରାତି ପରା ।

ଗୋଲ ମୁଣ୍ଡଟିଏ ଛୋଟିଏ ଥଣ୍ଟ
ହଲିଏ ଡେଣା ସାନ ସାନ,
ଟିକି ଟକି ଗୋଡ଼ ଯୋଡ଼ିଏ ଅଛି
ଧୂସର ରଙ୍ଗଟି ହରେ ମନ ।

ଘରକୁ ଆସିଲେ ସୌଭାଗ୍ୟ ଆଣୁ
ବାସ କାଠି ପାଳକୁ ନେଇ
ପରିବେଶ ପରିଷ୍କାର ରଖିଥାଉ
ଛନ୍ଦ କପଟ ଜାଣୁ ନାହିଁ ।

ଦଳ ଦଳ ବସି ପୁଣି ଡିଆଁ ମାରୁ
ଏକତାର ବାରତା ଦେଉ,
କାହାଠୁ କିଛି ବି ଆଶା ତୁ କରୁନା
ଛୋଟ ହେଲେ ବି କର୍ମ କରୁ ।

*ଶିକ୍ଷକ, ବରପାଲିପଡ଼ା, ବଲାଙ୍ଗିର- ୭୬୭୦୦୧*
*ମୋ- ୬୩୭୧୮୦୫୦୭୦*

# ଝର ଝର

**କୀର୍ତ୍ତନ ସାହୁ**

ଝର ଝର ଝରେ ଝରଣାଟି ଦେଖ
ନିଏ ଆମ ମନ କିଣି
ତାକୁ ଅନୁସରି କାମ ଆମ କଲେ
ଜୀବନେ ପାରିବା ଜିଣି

ନୀରବେ ତା କୁଲୁ କୁଲୁ ଗୀତ ଶୁଣ
ଭାରି ମିଠା ମିଠା ଲାଗେ
ତାହା ପରି ଆମେ ହେବାକୁ ଜୀବନେ
ଚେତନା ହୃଦୟେ ଜାଗେ

ଥିରି ଥିରି ପାଦେ ଆଗକୁ ଆଗକୁ
ଯାଉଛି କେମିତି ବଢ଼ି
ଆସୁ ଯେତେ ଗୋଡ଼ି ବାଲି କଣ୍ଟା ପଥେ
ନ ମାନି ଯାଏ ସେ ଚଢ଼ି

ପରଷି ଯାଉଛି ନର ପଶୁ ପକ୍ଷୀ
ତାର ସୁଶିତଳ ପାଣି
ସଭିଙ୍କୁ ଆଦର କରି ଦେଇ ଚାଲେ
ମନ କଥା ତାଙ୍କ ଜାଣି

ଥକ୍କି ଯାଏ ନାହିଁ ଜୀବନେ କେବେରେ
ଆଗକୁ ଆଗକୁ ଯାଏ
ଅନ୍ୟର ହିତରେ ଲାଗି ପଡ଼ି ସିଏ
କେତେ ଯେ ଆନନ୍ଦ ପାଏ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*





# ଜେଜେ ଓ ଖରା

**ଅନୁଲିପ୍ତା ମିଶ୍ର**

ସେଦିନଟି ଥାଏ ରବିବାର
ଜେଜେ ବାହାରିଲେ ବନ୍ଧୁଘର

ନୂଆ ଜାମା ପିନ୍ଧି ସାଇକେଲ ଧରି
ଜେଜେ ବାହାରିଲେ ଥିରିଥିରି

କୋଉଠି ଥିଲା ସେ ନାତିଟୋକା
ପହଞ୍ଚିଲା ମୁଣ୍ଡେ କରି ଠେକା

ଜେଜେଙ୍କୁ ଦେଖି ସେ ପଚାରିଲା
ଯାଉଛ କୁଆଡେ ତୁମେ ଭଲା

ଜାଣି ପାରୁନ କି କେତେ ଖରା
ଗମ ଗମ ଝାଳ ବହେ ପରା

ଛତା ଜୋତା ତୁମେ ନେଇକି ଯାଅ
ଓଦା ଗାମୁଛାକୁ ସାଥିରେ ନିଅ

ଝୁଲାରେ ପୁରାଅ ପାଣି ବୋତଲ
ଖରାରେ ନହେବ ଆଉ କଲବଲ

ନାତି ଟୋକା କଥା ଜେଜେ ମାନିଲେ
ଛତା, ଜୋତା ପାଣି ସାଙ୍ଗରେ ନେଲେ

ମନେ ମନେ ଜେଜେ ହୋଇଲେ ଖୁସି
ନାତିଟୋକାକୁ ତ ଦେଲେ ସାବାସି ।

*ସହକାରୀ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ, ମହିଳୋ, ଜଗତସିଂହପୁର*
*ମୋ-୯୯୩୮୪୦୦୨୦୫*

# ତୁମ ପାଇଁ ସିନା ନେଲି ଜନମ

**ଦୀନବନ୍ଧୁ ପୋଇ**



ତୁମ ପାଇଁ ସିନା ଜନମ ମୋହର
ମୋତେ ବୁଝିଲ ନି ନର
ପାଇ ଉପକାର ଜନ୍ମରୁ ମୋହର
ଭୁଲ ତୁମେ ବାର ବାର
ପୂଜିବାକୁ ଫୁଲ ଜାଳିବାକୁ ଜାଳ
ଖାଇବାକୁ ନିଅ ଫଳ
ତଥାପି ହେ ନର ତିଳେ ନାହିଁ ଡର
ଓପାଡି ଦିଅ ମୋ ମୂଳ
ନାନା ଖାଦ୍ୟ ସାର ପାଅ ପ୍ରଚୁର
ରହେଁ ବି ଯିଏ ଯେମିତି
ଏତେ ଉପକାର ପାଇକି ମୋହର
ଶତ୍ରୁ ଯେ ହୁଅ କେମିତି ?
ପଥ ପ୍ରାନ୍ତେ ଥିଲେ ବାଟେ ଯାଉଥିଲେ
ପଥିକକୁ ଦିଏ ଛାଇ
ଗଢ଼ି ରାଜରାସ୍ତା କଲ ଯେ ହିନସ୍ତା
ବଂଶ ମୋ ଦେଲ ବୁଡେଇ
ମୋ ପାଇଁ ବରଷା ଆଉ ପିତା କଷା
ପାଉଛ ମୋଠାରୁ ଓଷ
ଅମଳଜାନ ପାଇ ଜୀବନ ବଞ୍ଚାଇ
ଗଢ଼ କାଟି ତୁମ ବାସ
ସବୁଠୁ ବୁଦ୍ଧିଆ ପାଇଛ ମାନିଆ
ଶ୍ରେଷ୍ଠ ପଣେ ତୁମେ ନର
କାଟି କୁଟି ଡାଳ ହଟାଇଲ ମୂଳ
ଏ କଥା କେମିତି କର
ଥିଲେ ଏକ ଗଛ ପରିବେଶ ସ୍ୱଚ୍ଛ
କରେ ଆମ ପାଇଁ ଗଛ
ରୋପି ଚାଲ ଚାରା ଉପକାର ପରା
ସବୁ କାମ କରି ପଛ ।

*ଗୋରଡ଼ା ପାକ, କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*

# ଭୁଲିଯିବ ନାହିଁ

**ନଳିନୀ ଦାଶ**



ଭୁଲିଯିବ ନାହିଁ ମାଆର ମମତା
ଯତନେ ହାତରେ ପାଳିଛି
କଟୁକଥା ପଦେ କହିବନି ଜମା
କେତେ ସେ କଷଣ ସହିଛି
ଭୁଲିଯିବ ନାହିଁ ବାପାଙ୍କ ଆଦର୍ଶ
ଆକଟ ଆମକୁ କରନ୍ତି
ମୁଣ୍ଡ ଝାଳ ତୁଣ୍ଡେ ମାରି ଆମ ସୁଖେ
ବିଦେଶେ ଦାଦନ ଖଟନ୍ତି
ଭୁଲିଯିବ ନାହିଁ ଜନମ ମାଟିକୁ
ବଢ଼ିଛ ତାହାର କୋଳରେ
ପାଦର ତାର ଛାତିରେ ଚାଲିଛ
ଜଳ ବାୟୁ ଦେଲା ବଳରେ
ଭୁଲିଯିବ ନାହିଁ ଗାଆଁ ଦାଣ୍ଡେ ବସି
ପିଲାଦିନ ଧୂଳି ଖେଳକୁ
ଯାତରା ପରବେ ମେଳା ମହୋତ୍ସବେ
ସାଥୀ ଗଣଙ୍କର ମେଳକୁ
ଭୁଲିଯିବ ନାହିଁ ଚାଟଶାଳୀ ପାଠ
ଗୁରୁଜୀ ଗୁରୁମା ଆଦେଶ
ତାଙ୍କରି ଆଶିଷେ ଜ୍ଞାନ ଅରଜିଛ
ଜୀବନ ହୋଇଛି ସରସ
ଭୁଲିଯିବ ନାହିଁ ପରିବାରଟିକୁ
ଛୋଟରୁ ପାଖରେ ବଢ଼ିଛ
ଭଲକଥା ଶିଖି ହାତ ଧରି ଚାଲି
ସୁନ୍ଦର ଦୁନିଆ ଗଢ଼ିଛ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ଆଈ ଚାଲେ ନଇଁ ନଇଁ..

**ରାମଚନ୍ଦ୍ର ବେହେରା**



ଆଈ ଚାଲେ ନଇଁ ନଇଁ
ଦୁଇ ଖୋଜ ଚାଲି ଠିଆ ହୋଇଯାଏ
ଅଣ୍ଟାକୁ ସଳଖି ଦେଇ
ଫସରା ଫାଟିଲେ ସେଇ
ଅତି ଶରଧାରେ ଗେହ୍ଲାରେ ଡାକଇ
ସଅଳ ଉଠିବା ପାଇଁ
ଘରର ଯେତେକ କାମ
ମାଆଙ୍କ ସାଥୀରେ ମିଳିମିଶି ସିଏ
କରଇ ସବୁ ପୂରଣ
ତୁଳସୀରେ ପାଣି ଦେଇ
ସୂରୁଜ ଦେବଙ୍କୁ ପ୍ରଣାମ କରେ ସେ
ଘରର ମଙ୍ଗଳ ପାଇଁ
ଖରାଦିନ ଯେବେ ଆସେ
ବିରି ବଡ଼ି ଆଉ ଆଚାର ବନାନ୍ତି
ଘର ମହ ମହ ବାସେ
ଭଳି ଭଳି ତାଜା ଶାଗ
ପୋଖରୀ ବନ୍ଧରୁ ତୋଳି ସେ ଆଣନ୍ତି
ପାଟିକୁ ଲାଗଇ ବାଗ
ଚଷମା ଲଗେଇ ସେଇ
ନିତି ସଂଜ ବେଳେ ପୁରାଣ ପଢ଼ନ୍ତି
ପ୍ରଭୁଙ୍କ ଚରଣ ଛୁଇଁ
ଆଈଙ୍କ ସ୍ନେହ ମମତା
ଭୁଲି ହୁଏ ନାହିଁ ତାଙ୍କ ଶ୍ରଦ୍ଧାଭାବ
କୋମଳ ମିଠା ବାରତା ..!

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

# ମଜାଗୀତ

**ନୀଳମଣି ଚନ୍ଦ**

ଚଢ଼େଇ ଉଡୁଛି
ଗୁଡ଼ିବି ଉଡୁଛି
ଉଡୁଛିରେ ଉଡ଼ାଜାହାଜ
କୁମ୍ଭୀର ବୁଡୁଛି
ତିମିଟି ବୁଡୁଛି
ଚାଲେ ବୁଡ଼ି ବୁଡ଼ାଜାହାଜ ।

ବରଷା ଝଡୁଛି
ପତର ଝଡୁଛି
ଫଳ ଝଡ଼ି ପଡ଼େ ପାଚିଲେ
ନାଳଟି ବଢୁଛି
ନଈ ବି ବଢୁଛି
ଦୁମ ଦୁମ ମେଘ କାଟିଲେ ।

ଆରବ ପଢୁଛି
ଆହାନ ପଢୁଛି
ଛବିବହି ହାତେ ଧରିରେ
ମାମୁନି କହୁଛି
ମାମାଲି କହୁଛି
ନୁହଁ କେହି ତାଙ୍କ ପରିରେ ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ଇତିହାସରେ ଲେଖା ଧାମରା ନାମ

**ମହେନ୍ଦ୍ର କୁମାର ଘଡ଼େଇ**



ସାରା ଧରାରେ ନଉବଣିଜ
ପାଇଁ ଉତ୍କଳ ବଡ଼
ନଦୀ ଝରଣା ବଣ ପାହାଡ଼
ସାଗର ରାଜଗଡ଼
କଳର ବଳ ଖଟାଇ କେତେ
ନୂଆ ଦରବ ଗଢୁ
ଓଡ଼ିଆ କୀର୍ତ୍ତି ମୋହର ଦେଇ
ତାକୁ ବିଦେଶ ଛାଡୁ
ଏଇ ଧାମରା ବନ୍ଦର ପରେ
ଜାହାଜ ଚଳାଚଳ
ଧନ ଦରବ ମାନ ମହତ
ବଢ଼ାଏ ଜାତି ବଳ
ଯିବା ଆସିବା ବଣିଜ ବଳେ
ବଢ଼ାଇ ବନ୍ଧୁ ଭାବ
ତହିଁ ଅଭାବ ନାଶି ଚଳାଉ
ସୁଖ ସଂସାର ନାବ
ଜାହାଜ ନିରିମାଣ ପେଟ୍ରୋଲ
ଗ୍ୟାସ୍ ଇସ୍ପାତ ପ୍ଲାଣ୍ଟ
ଅଲିଭରିଡଲେ କଇଁଛ ଯେ
ମାଛ ଧରିବା ପେଣ୍ଟ
ପର୍ଯ୍ୟଟକର ମନ ପସନ୍ଦ
ବୁଲି ଦେଖିବା ଜାଗା
ଯେତେ ଦେଖିଲେ ଲାଗୁଥାଏ ସେ
ସତରେ ନୂଆ ନୂଆ
ଆମ ଜାତିର ଇତିହାସରେ
ଲେଖା ଧାମରା ନାମ
ତା'ର ବଢ଼ିବା ସୁରକ୍ଷା ହେଉ
ଆମ ପହିଲି କାମ
ସ୍ୱଚ୍ଛ ନିର୍ମଳ ଏ ପରିବେଶ
ଦିଗବାରେଣୀ ହେଉ
ବତୀଘରଟି ପରି ଆମକୁ
ଆଗକୁ ଆଗ ନେଉ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,*
*ମୋ- ୯୪୩୭୭୪୦୫୬୬*

# ତୁମ ତୂଳୀରୁ ...



ସାଇ ସମ୍ଭବ
ଶ୍ରେଣୀ - ଅଷ୍ଟମ, କେନ୍ଦ୍ରୀୟ ବିଦ୍ୟାଳୟ -୦୨
ଭୁବନେଶ୍ୱର

# ଆହତ କାରଣରୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଟିମ୍‌ରୁ ବାଦ୍ ପଡ଼ିଲେ ଶିବମ୍ ମାଭି



**ନୂଆଦିଲ୍ଲୀ**

ବିସ୍ଫୋରକ ବ୍ୟାଟିଂ ପରେ ବୋଲରଙ୍କ ଶୃଙ୍ଖଳିତ ବୋଲିଂ ଯୋଗୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ତା'ରି ଘରେ ହରାଇଥିଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ (ଏଲ୍‌ଏସ୍‌ଜି)। ଏଲ୍‌ଏସ୍‌ଜି ଏହି ମ୍ୟାଚ୍‌କୁ ୨୮ ରନ୍‌ରେ ଜିତିବା ସହ ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ବିଜୟ ପାଇଥିଲା। ତେବେ ଏହି ବିଜୟ ପରେ ଏଲଏସଜିକୁ ଏକ ଝଟ୍‌କା ଲାଗିଛି। ଦଳର ଷ୍ଟାର ଫାଷ୍ଟ ବୋଲର ଆହତ କାରଣରୁ ସମଗ୍ର ସିଜିନ୍‌ରୁ ବାହାରିଯାଇଛନ୍ତି। ଏହି ବୋଲରଙ୍କ ନାମ ଶିବମ ମାଭି। ୨୫ ବର୍ଷୀୟ ଶିବମ ମାଭିଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଆଇପିଏଲ ୨୦୨୪ ନିଲାମରେ ୬.୪ କୋଟି ଟଙ୍କାରେ କିଣିଥିଲା। ରିପୋର୍ଟ ଅନୁଯାୟୀ, ମାଭି ସିଜିନ ଆରମ୍ଭରୁ ସମ୍ପୂର୍ଣ୍ଣ ଫିଟ୍ ନଥିଲେ ଏବଂ ସେଥିପାଇଁ ସେ ଚଳିତ ସିଜନରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳି ନାହାଁନ୍ତି।

ତେବେ ବର୍ତ୍ତମାନ ମାଭି ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଫ୍ରାଞ୍ଚାଇଜ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରିଛି। ଏହି ଭିଡିଓରେ ମାଭି ସୁପର ଜାଏଣ୍ଟସ କ୍ୟାମ୍ପ ଛାଡିଥିବାର ନଜର ଆସିଛନ୍ତି। ୨୦୧୮ ଅଣ୍ଡର-୧୯ ବିଶ୍ୱକପରେ ନିଜର ବିସ୍ଫୋରକ ବୋଲିଂ ସହିତ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶିବମ ମାଭି ଦେଶ ପାଇଁ ୬ଟି ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ଆଇପିଏଲର ୩୨ଟି ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ମାଭି ଦୀର୍ଘ ସମୟ ଧରି କୋଲକାତା ନାଇଟ ରାଇଡର୍ସ ଦଳରେ ଥିଲେ। ମାଭି କ୍ରମାଗତ ଭାବରେ ୧୪୦ କିଲୋମିଟର ବେଗରେ ବୋଲିଂ କରିପାରନ୍ତି।

# ଚେନ୍ନାଇକୁ ଝଟ୍‌କା : ଆସନ୍ତା ମ୍ୟାଚ୍ ଖେଳିନପାରନ୍ତି ମୁସ୍ତାଫିଜୁର ରହମାନ

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ ବୋଲର ମୁସ୍ତାଫିଜୁର ରହମାନ ଆଇପିଏଲ ୨୦୨୪ରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସବୁଠାରୁ ଅଧିକ ୱିକେଟ ନେଇ ସେ ଶୀର୍ଷରେ ଅଛନ୍ତି। ମୁସ୍ତାଫିଜୁର ବର୍ତ୍ତମାନ ଏହି ସିଜିନ୍‌ରେ ବାଇଗଣୀ ରଙ୍ଗର କ୍ୟାପ୍ ଦୌଡ଼ରେ ଅଛନ୍ତି। ତେବେ ଏହାରି ଭିତରେ ଖବର ଆସିଛି ଯେ ସିଏସ୍‌କେର ପରବର୍ତ୍ତୀ ମ୍ୟାଚ୍ ସେ ଖେଳି ନ ପାରନ୍ତି। କାରଣ ଏକ ରିପୋର୍ଟ ଅନୁଯାୟୀ ମୁସ୍ତାଫିଜୁର ବାଂଲାଦେଶ ଯାଇଛନ୍ତି। ଏହି କାରଣରୁ ସେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡ଼ିପାରନ୍ତି। ବାସ୍ତବରେ, ଜୁନ୍ ୧ ରୁ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୦୨୪ ଖେଳାଯିବ। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ଦେଶର କ୍ରିକେଟ ବୋର୍ଡ ଖେଳାଳିଙ୍କ ଭିସା ପାଇଁ ପ୍ରସ୍ତୁତ ହେଉଛି। ବାଂଲାଦେଶ କ୍ରିକେଟ ବୋର୍ଡ ମଧ୍ୟ ଖେଳାଳିଙ୍କ ପାଇଁ ଭିସା ପ୍ରସ୍ତୁତ କରୁଛି। ଏହି କାରଣରୁ ମୁସ୍ତାଫିଜୁର ରହମାନଙ୍କୁ ବାଂଲାଦେଶ ଯିବାକୁ ପଡିଛି।



ତେଣୁ ଯଦି ମୁସ୍ତାଫିଜୁର ଠିକ୍ ସମୟରେ ନଆସନ୍ତି, ତେବେ ସେ ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍ ପଡ଼ିପାରନ୍ତି। ଆସନ୍ତା ୩ ତାରିଖରୁ ବାଂଲାଦେଶ ଏବଂ ଜିମ୍ବାୱେ ମଧ୍ୟରେ ଏକ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି -୨୦ ସିରିଜ ଖେଳାଯିବ। ଏହି ସିରିଜ୍ ପାଇଁ ମୁସ୍ତାଫିଜୁରଙ୍କୁ ମଧ୍ୟ ତାଙ୍କ ଦେଶକୁ ଫେରିବାକୁ ପଡିବ। ଏପ୍ରିଲର ଶେଷ ସପ୍ତାହ ପର୍ଯ୍ୟନ୍ତ ମୁସ୍ତାଫିଜୁରଙ୍କ ପାଖରେ ସମୟ ଅଛି। ବୋର୍ଡ ତାଙ୍କୁ କେବଳ ଏପ୍ରିଲ ପର୍ଯ୍ୟନ୍ତ ଅନୁମତି ଦେଇଛି। ଏହି କାରଣରୁ ଚେନ୍ନାଇ ସୁପର କିଙ୍ଗ୍ସ ଅନେକ କ୍ଷତି ସହିପାରେ। ସେ ସିଏସ୍‌କେର ଜଣେ ଗୁରୁତ୍ୱପୂର୍ଣ୍ଣ ବୋଲର ହୋଇଥିବା ବେଳେ ଚଳିତ ସିଜନରେ ୩ଟି ମ୍ୟାଚ୍‌ରେ ୭ଟି ୱିକେଟ ନେଇଛନ୍ତି। ସୂଚନା ଥାଉ କି ଚେନ୍ନାଇ ସୁପର କିଙ୍ଗ୍ସ ଚଳିତ ସିଜନରେ ଏପର୍ଯ୍ୟନ୍ତ ତିନୋଟି ମ୍ୟାଚ୍ ଖେଳିଥିବାବେଳେ ଦୁଇଟି ମ୍ୟାଚ୍ ଜିତିଛନ୍ତି। ଚେନ୍ନାଇ ଆରସିବିକୁ ୬ ୱିକେଟରେ ପରାସ୍ତ କରିଥିଲା। ଏହା ପରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ୬୩ ରନରେ ଜିତିଥିଲା। ତେବେ ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ୨୦ ରନ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସିଏସ୍‌କେର ପରବର୍ତ୍ତୀ ମ୍ୟାଚ ହାଇଦ୍ରାବାଦ ସହିତ ଏପ୍ରିଲ ୫ରେ ଖେଳାଯିବ।

# ଟି-୨୦ ବିଶ୍ୱକପ୍‌ରୁ ଓହରିଲେ ବେନ୍ ଷ୍ଟୋକ୍ସ

**ଲଣ୍ଡନ**



ଟି୨୦ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଟିମ୍‌କୁ ବଡ଼ ଝଟ୍‌କା ଲାଗିଛି। ଦଳର ଷ୍ଟାର ଖେଳାଳି ତଥା ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ମଙ୍ଗଳବାର ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍‌ରୁ ଓହରି ଯାଇଛନ୍ତି। ଜଣେ ଅଲ ରାଉଣ୍ଡର ଭାବେ ସେ ତାଙ୍କ ଫିଟ୍‌ନେସ୍ ଓ ବୋଲିଂରେ ଉନ୍ନତି ଆଣିବା ଦିଗରେ ତାଙ୍କ ମନୋନିବେଶ କରିବେ। ଦେଶର ଟେଷ୍ଟ ଅଧିନାୟକ ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର ଦୁଇ ମାସ ପୂର୍ବରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)କୁ ଅବଗତ କରାଇଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରେ ସେ ଜଣେ ପ୍ରମୁଖ ଅଲରାଉଣ୍ଡର ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଚାହାନ୍ତି। ଷ୍ଟୋକ୍ସ ପୂର୍ବରୁ ଆଇପିଏଲ୍‌ରୁ ଓହରି ସାରିଥିଲେ। ୩୨ ବର୍ଷୀୟ ଷ୍ଟୋକ୍ସଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ୧-୪ରେ ଭାରତ ବିପକ୍ଷ ଟେଷ୍ଟ ସିରିଜ ହାରିଯାଇଥିଲା। ଏହି ସରିଜରେ କହିବାକୁ ଗଲେ ସେ ଖୁବ୍ କମ୍ ବୋଲିଂ କରିଥିଲେ।

# କ୍ରୀଡ଼ା ବିକାଶ ଲାଗି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢ଼ିଲେ ଦୂତି

**ଭୁବନେଶ୍ୱର**

ଆଥଲେଟିକ୍ସ ଟ୍ରାକ୍ ହେଉକି ବ୍ୟକ୍ତିଗତ ଜୀବନ, ପଡ଼ିଆ ଭିତର ହେଉକି ବାହାରେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ଦୌଡ଼ରାଣୀ ଦୂତି ଚାନ୍ଦ। ଆଣ୍ଡ୍ରୋଜେନ ସ୍ତର ପାଇଁ ଆଇନଗତ ଲଢ଼େଇଠାରୁ ଆରମ୍ଭ କରି ସମଲିଙ୍ଗୀ ସଂପର୍କ ପର୍ଯ୍ୟନ୍ତ, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣ ପାଇଁ ମଧ୍ୟ ବିବାଦୀୟ ହୋଇଛନ୍ତି। ସେ ଅଲିମ୍ପିକ୍ସରେ ଦୁଇ ଥର ଦୌଡ଼ିବାର ସର୍ବୋଚ୍ଚ ସଫଳତାଠାରୁ ଏସୀୟ କ୍ରୀଡ଼ା ଓ ଏସିଆନ ଆଥ୍‌ଲେଟିକ୍ସରେ ସଫଳ ହୋଇ ପ୍ରତିଟି ଓଡ଼ିଆକୁ ଗୌରବାନ୍ୱିତ କରିବାର ରେକର୍ଡ; ପୁଣି ଡୋପ୍ ପରୀକ୍ଷଣରେ ଧରାପଡ଼ି ନିଲମ୍ବିତ ହେବାର ଅପଯଶ ମଧ୍ୟ ମୁଣ୍ଡାଇଛନ୍ତି ଦୂତି ଚାନ୍ଦ।

ବାସନ୍ଦ ହେବା ପରେ ଆପାତତଃ ଖେଳ ଜୀବନର ଶେଷ ପର୍ଯ୍ୟାୟରେ ଥିବା ଦୂତି ଏବେ ନିଜ ପ୍ରିୟ ଖେଳ ଦୌଡ଼କୁଦଠୁ ପାଇଥିବା ଅସୀମ ସଫଳତାରୁ ସମାଜକୁ କିଛି ଫେରାଇବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି। ଦୂତି ଚାନ୍ଦ ସ୍ପୋର୍ଟସ ଫାଉଣ୍ଡେସନ୍ ଅଫ ଇଣ୍ଡିଆ ନାମକ ସ୍ୱେଚ୍ଛାସେବୀ ସଂଗଠନ ଗଠନ କରି ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କୁ ଆବଶ୍ୟକ ସମର୍ଥନ ଓ ପ୍ରଶିକ୍ଷଣ ଦେବା ଆରମ୍ଭ କରିଛନ୍ତି। ଏଥିଲାଗି ନିଜେ ପ୍ରଥମ ପେସାଦାର ପ୍ରଶିକ୍ଷଣ ପାଇଥିବା ସ୍ଥଳ ବରଗଡ଼କୁ କର୍ମଭୂମି ଭାବେ ବାଛିଛନ୍ତି। ଏଭଳି ଏକ ସକାରାତ୍ମକ କାର୍ଯ୍ୟ ଲାଗି ଜମି ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। କିଛି ଦିନ ତଳେ ବରଗଡ଼ ଜିଲ୍ଲାପାଳଙ୍କୁ ଭେଟି ଏଥିଲାଗି ଆନୁଷ୍ଠାନିକ ଭାବେ ଆବେଦନ ବି କରିଛନ୍ତି। ଖେଳ ଜୀବନ ପରେ ରାଜନୀତି କରିବେ ବୋଲି ଏକଦା ଘୋଷଣା କରିଥିବା ଦୂତି କିନ୍ତୁ



ଆଗାମୀ ସାଧାରଣ ନିର୍ବାଚନ ଲାଗି ସୃଷ୍ଟି ହୋଇଥିବା ସାଂପ୍ରତିକ ରାଜନୈତିକ ଉଷ୍ମତାରୁ ଦୂରେଇ ରହିଛନ୍ତି। ସେହିଭଳି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିବା କିଛି ଭିଡିଓ ପାଇଁ ପାର୍ଟନର ମୋନାଲିସାଙ୍କ ସହ ତାଙ୍କର ମତାନ୍ତର ହୋଇଥିବା ଖବରକୁ ଫେସ୍‌ବୁକ ପୋଷ୍ଟ ମାଧ୍ୟମରେ ଖଣ୍ଡନ କରିଛନ୍ତି। ଭିଡିଓରେ ଥିବା ଝିଅମାନେ କେବଳ ତାଙ୍କର ବନ୍ଧୁ ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ ସ୍ପଷ୍ଟ କରି ଦେଇଛନ୍ତି। ୨୦୨୧ ମସିହାରେ ଟୋକିଓ ଅଲିମ୍ପିକ୍ସର ଠିକ୍ ପରେ ପରେ କର୍କଟ ରୋଗର ପ୍ରଥମ ସ୍ତର ଲକ୍ଷଣ ଦେଖାଯାଇଥିଲେ ବି ସଂପ୍ରତି ସେ ସଂପୂର୍ଣ୍ଣ ଠିକ୍ ଥିବା ଜଣାପଡ଼ିଛି। ସେହିଭଳି ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ରାୟ ପାଇଁ ଦୁଃଖିତ ଥିଲେ ମଧ୍ୟ ପ୍ରେମିକାଙ୍କ ସହ ବେଶ୍ ଖୁସିରେ ଥିବା କହିଛନ୍ତି।

ଦୂତିଙ୍କ ଅନ୍ୟତମ ଆଦ୍ୟଗୁରୁ ତଥା ତାଙ୍କ ଅନୁଷ୍ଠାନର ଅଧ୍ୟକ୍ଷ ଶିବ ମିଶ୍ର କହିଛନ୍ତି ଯେ ଆମେ ଚାରିଟି ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ନେଇଛୁ। ପ୍ରଥମତଃ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ଓ ବିକାଶ ଉପରେ ଜୋର ଦେବୁ। ସେହିଭଳି ଟପ୍ସ, ସାଇ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇଥିବା ଖେଳାଳିଙ୍କୁ ପ୍ରୋତ୍ସାହନ ଦେବୁ, ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପଦକ ଜିତିଥିବା ଖେଳାଳିଙ୍କୁ ଖୋଜି ସେମାନଙ୍କୁ କିଟ୍, ଫୁଡ଼ିଂ ଆଦି ପ୍ରଦାନ କରିବୁ। ମାଷ୍ଟର୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଓଡ଼ିଶାର ଖେଳାଳିମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କ ଯାତ୍ରା ଖର୍ଚ୍ଚ, ଉପକରଣ ଆଦି ଲାଗି ଆର୍ଥିକ ସହାୟତା ଦେବୁ। ଏଥିଲାଗି ବିଭିନ୍ନ କମ୍ପାନୀକୁ ଅନୁରୋଧ କରିବା ସହ କ୍ରାଉଡ୍ ଫଣ୍ଡିଂ ଜରିଆରେ ପାଣ୍ଠି ସଂଗ୍ରହ କରିବୁ।

## ଆଇଡବ୍ଲ୍ୟୁଏଫ ଭାରୋତ୍ତୋଳନ ବିଶ୍ୱକପ

# ବିନ୍ଧ୍ୟାରାଣୀ ଦେବୀ ୫୫ କିଲୋଗ୍ରାମରେ ବ୍ରୋଞ୍ଜ ଜିତି ଦେଶ ପାଇଁ ଗୌରବ ଆଣିଲେ



**ଫୁକେଟ**

ଥାଇଲାଣ୍ଡର ଫୁକେଟରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ ବିଶ୍ୱକପ୍‌ରେ ମହିଳା ୫୫ କିଲୋଗ୍ରାମ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଭାରତୀୟ ଭାରୋତ୍ତୋଳନକାରୀ ବିନ୍ଧ୍ୟାରାଣୀ ଦେବୀ ଦେଶ ପାଇଁ ଗୌରବ ଆଣିଛନ୍ତି। କମନୱେଲ୍‌ଥ ଗେମ୍ସର ରୌପ୍ୟ ପଦକ ବିଜେତା ବିନ୍ଧ୍ୟାରାଣୀ ମୋଟ ୧୯୬ କିଲୋଗ୍ରାମ ଭାରୋତ୍ତୋଳନ କରିଛନ୍ତି। ଉତ୍ତର କୋରିଆର କାଙ୍ଗ ହ୍ୟୋନ ଗୟୋଙ୍ଗ ଏବଂ ରୋମାନିଆର କାମ୍ବେ ମିହେଲା-ଭାଲେଣ୍ଟିନା ଯଥାକ୍ରମେ ୨୩୪ କିଲୋଗ୍ରାମ ଏବଂ ୨୦୧ କିଲୋଗ୍ରାମ ଭାରୋତ୍ତୋଳନ କରି ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି। ମଣିପୁରର ୨୫ବର୍ଷୀୟ ଭାରୋତ୍ତୋଳନକାରୀ ଆଇଡବ୍ଲ୍ୟୁଏଫ ଭାରୋତ୍ତୋଳନ ବିଶ୍ୱକପରେ ଦେଶ ପାଇଁ ଏହି ଆଣିଛନ୍ତି। ସେ ୮୩ ଏବଂ ୧୧୩ କିଲୋଗ୍ରାମ ଭାରୋତ୍ତୋଳନ କରିଥିଲେ।

# ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବୁଧବାର ଭୁବନେଶ୍ୱର ସ୍ଥିତ ଚେ୍ତନା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ସ୍ୱପରାୟଣତା ସଚେ୍ତନତା ଦିବସ ପାଳିତ ହୋଇଯାଇଛି।ଏହି ଦିବସ ପାଳନ ପରିପ୍ରେକ୍ଷୀରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଚେ୍ତନା ସ୍ୱତନ୍ତ୍ର ବିଦ୍ୟାଳୟର ବିଦ୍ୟାର୍ଥୀ ମାନେ ଆମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ, ତା'ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସଭା ପ୍ରାରମ୍ଭରେ ଚେ୍ତନା ସ୍ୱତନ୍ତ୍ର ଶିକ୍ଷା ମହା-ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ର ବିଶ୍ୱ ସ୍ୱପରାୟଣତା ସଚେ୍ତନତା ଦିବସ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଅତିଥି ଭାବେ ଖ୍ୟାତନାମା ମନସ୍ତତ୍ତ୍ୱବିଦ୍ ତଥା ଚେ୍ତନା ଅନୁଷ୍ଠାନ ପରିଚାଳନା କମିଟି ସଦସ୍ୟ ପ୍ରଫେସର ଡ଼ଃ ଗୋପାଳ କୃଷ୍ଣ ନନ୍ଦ, ସମ୍ ଅଲଟିମେଟ ମେଡ଼ି କେୟାରର ମୁଖ୍ୟ ଚିକିତ୍ସାଧିକାରୀ ଡ଼ାଃ ବିରାଜ ମୋହନ ମିଶ୍ର, ୟୁଜିସି, ୟୁପିଏସସି,ଏଆଇସିଟିଇର ମୁଖପାତ୍ର ପ୍ରଫେସର ଡ଼ଃ ଜ୍ୟୋତିର୍ମୟ ମହାପାତ୍ର, ସମାଜସେବୀ ତଥା ଶିଶୁ ବିକାଶ ପରାମର୍ଶଦାତା ପ୍ରଫେସର ପି. ଯଶୋଧାରା, ସମାଜ ସେବୀ ତଥା ଆଇନଜୀବୀ ଶ୍ରୀମତୀ ମନସ୍ମିତା ଜେନା ଯୋଗ ଦେଇ ସ୍ୱପରାୟଣତା କ'ଣ, ତାହା କିପରି ରୋକାଯାଇପାରିବ, ଅଟିଜିମ୍ ବିଦ୍ୟାର୍ଥୀ ମାନଙ୍କ ସହ ଉତ୍ତମ ବ୍ୟବହାର ଓ ମିଳାମିଶା କଲେ, ସେମାନଙ୍କର ଉନ୍ନତି ହେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିବେ। ଅଟିଜିମ ବିଦ୍ୟାର୍ଥୀ ମାନଙ୍କୁ କେମିତି ଶିକ୍ଷା ଦିଆଯାଇ ପାରିବ, ସେହି ବିଷୟରେ ପରାମର୍ଶ ଦେବା ସହ ସଚେ୍ତନତା ବାର୍ତ୍ତା ଅତିଥି ମାନେ ଦେଇଥିଲେ। ଚେ୍ତନା ସ୍ୱତନ୍ତ୍ର ଶିକ୍ଷା ମହା-ବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ଃ ଭାଗିରଥି ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ପରିଶେଷରେ ଚେ୍ତନା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଦିବସକୁ ପାଳନ କରିବା ଏବଂ ସାମାଜିକ ସଚେତନତା କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ବିଦ୍ୟାର୍ଥୀ ଇଷତ୍ ନୀଳ ରଙ୍ଗର ପୋଷାକ ପରିଧାନ କରିଥିଲେ। ଏଥିସହିତ ସମ୍ପୂର୍ଣ୍ଣ ଚେତନା ଅନୁଷ୍ଠାନକୁ ଇଷତ ନୀଳ ରଙ୍ଗର ପତାକା ଏବଂ ଇଷତ ନୀଳ ରଙ୍ଗର ଆଲୋକରେ ସୁସଜିତ କରାଯାଇଥିଲା ।

# ହାତ ଛାଡ଼ି ପଦ୍ମ ଧରିଲେ ବକ୍ସର ବିଜେନ୍ଦ୍ର ସିଂହ

**ନୂଆଦିଲ୍ଲୀ**

ମୁଣ୍ଡ ଉପରେ ନିର୍ବାଚନ। ଏହି ସମୟରେ କଂଗ୍ରେସକୁ ଲାଗିଛି ଆଉ ଏକ ଝଟ୍‌କା। ବକ୍ସର ବିଜେନ୍ଦ୍ର ସିଂହ ହାତ ଛାଡ଼ି ପଦ୍ମ ଧରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା) ମୁଖ୍ୟାଳୟରେ ଭାଜପା ନେତା ବିନୋଦ ତାଡେଙ୍କ ଉପସ୍ଥିତିରେ ସେ ଭାଜପାରେ ସାମିଲ୍ ହୋଇଛନ୍ତି। ବକ୍ସର ବିଜେନ୍ଦ୍ର ସିଂହ ଏକ୍ସରେ ଏକ ପୋଷ୍ଟ କରିଥିଲେ, ଯାହାକୁ ନେଇ ନିର୍ବାଚନ ପୂର୍ବରୁ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ସେ କହିଛନ୍ତି, ଜନତା ଯାହା ଚାହିଁବେ, ସେଥିପାଇଁ ମୁଁ ପ୍ରସ୍ତୁତ ଅଛି।




# ଜିଲ୍ଲା ଓକିଲ ସଂଘ ତରଫରୁ ଉତ୍କଳ ଦିବସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ଉତ୍କଳ ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ହୋଇ ଯାଇଛି । ଜିଲ୍ଲା ଓକିଲ ସଂଘର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋର୍ଟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମେତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଥିଲା । ଏହା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ସ୍ୱତନ୍ତ୍ର କେନ୍ଦ୍ରାପଡା ଜିଲ୍ଲା ଗଠନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଓକିଲ ସଂଘ ସଂପାଦକ ଧର୍ନୁଧର ନାୟକ ବରିଷ୍ଠ ଆଇନଜୀବୀ ଧ୍ରୁବଚରଣ ଜେନା, ରମଣୀ ରଞ୍ଜନ ରାଉତରାୟ, ସରୋଜରାଜ ସିଂହଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

# ବିଦେଶରେ ଚାକିରୀ ପ୍ରଲୋଭନ : ବେକାର ଯୁବକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ବିଦେଶରେ ମୋଟା ଅଙ୍କର ଦରମାରେ ଚାକିରୀ କରାଇଦେବା ପ୍ରଲୋଭନ ଦେଖାଇ ବେକାର ଉଚ୍ଚ ଶିକ୍ଷିତ ଯୁବକମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ କରାଯାଉଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ତିଳକଣା ଗ୍ରାମର ଜଣେ ଯୁବକ ଗତ କିଛି ବର୍ଷ ହେଲା ନିଶ୍ଚିନ୍ତକୋଇଲି ଥାନାର ଅନତି ଦୂରରେ କେତେକ ସରକାରୀ ବାବୁ ମାନଙ୍କୁ ହାତ ବାରିଶି କରି କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଏକ ନିଯୁକ୍ତି କେନ୍ଦ୍ର ଖୋଲିଛନ୍ତି। ଏହି ଯୁବକ ଜଣକ ଦୀର୍ଘ ଦିନ ହେଲା ବିଦେଶରେ ବେକାର ଯୁବକ ମାନଙ୍କୁ ମୋଟା ଅଙ୍କର ଦରମାରେ ଚାକିରୀ ଯୋଗାଇ ଦେବାର ନିର୍ଭର ପ୍ରତିଶୃତି ଦେଉଛନ୍ତି। ଏପରିକି ଏହି ଯୁବକ ଜଣକ ବର୍ଷର ବାରମାସରେ ଅଧିକାଂଶ ସମୟ ତାଙ୍କ କାର୍ଯ୍ୟାଳୟରେ ନିଯୁକ୍ତିମେଳା କରୁଥିବାର ଦେଖିବାକୁ ମିଳିଛି। ଏହି ଯୁବକ ଜଣକ ଉଚ୍ଚ ଶିକ୍ଷିତ ବେକାର ଯୁବକ ମାନଙ୍କ ଠାରୁ ବିଭିନ୍ନ ଆଳ ଦେଖାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ସମ୍ପୃକ୍ତ ଯୁବକମାନଙ୍କୁ ପାର୍ସପୋଟ ଯୋଗାଇ ଦେବା ନିମନ୍ତେ ମଧ୍ୟ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ଏହି ଠକେଇ ଅର୍ଥର ସିଂହଭାଗ ସରକାରୀ ବାବୁ ମାନଙ୍କ ପାଖରେ ପହଞ୍ଚି ଯାଉଥିବା ଚର୍ଚ୍ଚା ହେଉଛି। ତେବେ ପ୍ରଶାସନିକ ସୁରକ୍ଷା ପାଇ ସମ୍ପୃକ୍ତ ଯୁବକ ବେଧଡକ ଭାବେ ଏହି ନିଯୁକ୍ତି କେନ୍ଦ୍ର ଖୋଲି ଠକେଇ କରି ଚାଲିଥିବା ଅଭିଯୋଗ ହୋଇଛି। ଏକ ସୁଚିନ୍ତିତ ଉପାୟରେ ସମ୍ପୃକ୍ତ ଯୁବକ ଜଣକ କେତେକ ଦଲାଲଙ୍କ ମାଧ୍ୟମରେ ବେକାର ଯୁବକ ମାନଙ୍କୁ ନକଲି ପାର୍ସପୋର୍ଟ ବନାଉଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ କେତେକ ଦଲାଲଙ୍କ ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଉଚ୍ଚ ଶିକ୍ଷିତ ବେକାର ଯୁବକ ମାନଙ୍କୁ ଡକାଇ ସେମାନଙ୍କୁ ବିଭିନ୍ନ ଉପାୟରେ ଅର୍ଥ ଶୋଷଣ କରୁଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକ ଅର୍ଥ ନେଇ ଏହି ଚାକିରୀ ଆଶାୟୀଙ୍କୁ ଚାକିରୀ ଦେବା ତ ଦୂରର କଥା ଏପରିକି ବିଭିନ୍ନ ଉପାୟରେ ସେମାନଙ୍କୁ ହଇରାଣ ହରକତ କରୁଥିବାର ଅଭିଯୋଗ ହୋଇଛି। ଏପରିକି ଚାକିରୀ ନପାଇ ହତାଶ ହୋଇଥିବା ଯୁବକମାନେ ଅର୍ଥ ଫେରାଇବା ନିମନ୍ତେ ତାଙ୍କୁ କହିବାରୁ ସେ ନା ନା ପ୍ରକାର ଧମକ ଚମକ ଦେଖାଇ ଓ ଗୁଣ୍ଡା ଲଗାଇ ଭୟଭୀତ କରାଉଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କ ଏହି ଠକେଇ ଘଟଣା ଉପରେ ସ୍ଥାନୀୟ ନିଶ୍ଚିନ୍ତକୋଇଲି ଓ ନେମାଳ ଥାନାରେ ଏକାଧିକବାର ଅଭିଯୋଗ କରାଯାଇଥିବାର ଜଣାଯାଇଛି। ତେବେ ସମ୍ପୃକ୍ତ ଯୁବକ ଜଣକ ବିରୁଦ୍ଧରେ ପୋଲିସ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ନିରୀହ ବେକାର ଯୁବକ ମାନେ ଠକେଇର ଶୀକାର ହେଉଥିବାର ଅଭିଯୋଗ ହୋଇଛି। ଏହି ଠକେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସମ୍ପୃକ୍ତ ଠକ ଯୁବକଙ୍କ ଅସଲ ମୁଖା ଖୋଲିଯିବା ସହ ଠକେଇ ଶୀକାର ହେଉଥିବା ବହୁ ବେକାର ଯୁବକ ଏଥିରୁ ରକ୍ଷା ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ଓଡ଼ିଶା ହେଉଛି ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ : ସାଂସଦ




**ବାଲେଶ୍ୱର, ନ୍ୟୁଜ୍**

ଆମେ ଓଡ଼ିଆ ବାଲେଶ୍ୱର ପରିବାର ପକ୍ଷରୁ ସ୍ଥାନୀୟ ଆତିଥ୍ୟ ଭବନ ସଭାଗୃହ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସତ୍ୟଜିତ ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ସଂଯୁକ୍ତା ମହାପାତ୍ର, ସୁସ୍ମିତା ପଣ୍ଡା, ପିଙ୍କି ପ୍ରଧାନ, ଅଭିପ୍ସା ନାୟକ, ସସ୍ମିତା ଚାନ୍ଦ ଓ ସାଥୀ ବୃନ୍ଦ ଗାନ କରିଥିଲେ। ଏହା ପରେ ସଂଗଠନର ସାଂଗଠନିକ ଗୀତ 'ଆମେ ଓଡ଼ିଆ' କଲ୍ୟାଣୀ ନନ୍ଦ ଗାନ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ଅଙ୍କିତ ଉତ୍କଳ ଜନନୀଙ୍କ ତୈଳ ଚିତ୍ର ଉନ୍ମୋଚନ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ସାହିତ୍ୟିକ ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଆମେ ଓଡ଼ିଆର ଆବାହିକା ମମତା ମହାପାତ୍ର ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀ ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଓଡ଼ିଆଙ୍କ ଉଦ୍ଦେଶ୍ୟରେ ଆହ୍ୱାନ କରି କହିଥିଲେ ଯେ, ଓଡ଼ିଶା ହେଉଛି ଆମ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଅଥଚ ଆମମାନଙ୍କର କୋଉଠି ନାଁ କୋଉଠି ଭାଷା ପ୍ରତି ନିଷ୍ଠାପରତାରେ ଊଣା ପରିଲକ୍ଷିତ ହେଉଛି। ଦୈନନ୍ଦିନ ଜୀବନରେ ଆମେ ଅନାବଶ୍ୟକ ଭାବେ ଇଂରାଜୀ ଶବ୍ଦର ବହୁଳ ବ୍ୟବହାର କରୁଛୁ, ଯାହା ପରିତ୍ୟାଗ କରିବା ଉଚିତ୍। ସଭାପତି ଶ୍ରୀ ବେହେରା ଓ ସମ୍ମାନିତ ଅତିଥିବୃନ୍ଦ ସେମାନଙ୍କ ବକ୍ତବ୍ୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଗଠନରେ ଯୋଗଦାନ କରିଥିବା ଉତ୍କଳୀୟ ବରପୁତ୍ରମାନଙ୍କର ସ୍ମୃତି ଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ଼. ନିବେଦିତା ମହାନ୍ତି, ଦେବଜାନୀ ଦାସ, ଗୌରୀ ରଥ, ଗୋପାଳ ନାୟକ, କ୍ରିଷ୍ଣା ସାହା, ଗୌରାଙ୍ଗ ପାଣିଗ୍ରାହି, ସଞ୍ଜୟ ଶତପଥୀ, ସୁଷମା ବିଶ୍ୱାଳ, ପ୍ରତିମା ପଣ୍ଡା, ପୁରୁଷୋତ୍ତମ ବିଶ୍ୱାଳ, ସମରେନ୍ଦ୍ର ଦାସ, ଶ୍ରୀତମ ସିଂ, ବିଷ୍ଣୁ ମହାନ୍ତି, ବନ୍ଦନା ବିଶ୍ୱାସ, ସୁରଞ୍ଜନ ଦାସମହାପାତ୍ର, ତ୍ରିଭୁବନ ଦାସ, ଅଞ୍ଜଳି ପଣ୍ଡା, ସଞ୍ଜୟ ପଣ୍ଡା, ରେଣୁ ବିଶ୍ୱାଳ, ଡ଼. ଖୀତିଶ୍ୱର ଦାସ, ଜ୍ୟୋତ୍ସ୍ନା ସେନାପତି, ଡ଼ ଲକ୍ଷ୍ମଣ ବିଶ୍ୱାଳ, ଡ଼ ରମାକାନ୍ତ ଦାସ, ନିରଞ୍ଜନ ପରିଡ଼ା ଆଦି ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସୋଆ ପକ୍ଷରୁ ଉତ୍କଳ ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସୋମବାର ୮୯ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷା ଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାର ସ୍ମୃତିକୁ ଉଦ୍‌ଜୀବିତ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି। ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ଡିନ୍, ଫ୍ୟାକଲ୍ଟି, ବରିଷ୍ଠ କର୍ମକର୍ତ୍ତା ଓ କର୍ମଚାରୀମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ତଥା ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ମହାପୁରୁଷ ମାନଙ୍କର ଅବଦାନର ସ୍ମୃତିଚାରଣ କରି ପ୍ରଫେସର ନନ୍ଦ କହିଥିଲେ ଯେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାରେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ରାଜ୍ୟର ପ୍ରଗତି ନେଇ ପ୍ରଫେସର ନନ୍ଦ କହିଥିଲେ ଯେ କଳା ଓ ସଂସ୍କୃତି, ସାହିତ୍ୟ, ବିଜ୍ଞାନ ଓ ପ୍ରଯୁକ୍ତି ଶିଳ୍ପ, ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଅନେକ ଅବଦାନ ରହିଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ସୋଆର ଉପକୁଳପତି ପ୍ରଫେସର ଶିତିକଣ୍ଠ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡରିର ଡିନ୍ ପ୍ରଫେସର ବ୍ରହ୍ମଦେବ ପଟ୍ଟନାୟକ, ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରନ ଚଇନି, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଆଡିସ୍ନାଲ୍ ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ, ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ଆଇଟିଇଆର୍‌ର ପ୍ରଫେସର ରେଣୁ ଶର୍ମା, ଲିଗାଲ୍ ଆଫେୟାର୍ସ ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ, ଏଚ୍‌ଆର୍ ଅଫିସର ଶଶାଙ୍କ ଚୌଧୁରୀ ଏବଂ ଜଏଣ୍ଟ ରେଜିଷ୍ଟ୍ରାର ଡକ୍ଟର ମଧୁବ୍ରତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଆଗାମୀ ବର୍ଷ ଠାରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ଅଧିକ ଲୋକପ୍ରିୟ କରିବା ପରିପ୍ରେକ୍ଷୀରେ ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଆ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଭୁବନେଶ୍ୱର
୦୪ ଅପ୍ରେଲ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ମିଳିବ ଦିନିକିଆ ସ୍ୱତନ୍ତ୍ର ସାମୟିକ ଛୁଟି

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନରେ ନିୟୋଜିତ ସରକାରୀ ଅଧିକାରୀଙ୍କୁ ମିଳିବ ଗୋଟିଏ ଦିନ ସାମୟିକ ଛୁଟି । ରାଜ୍ୟ ସରକାର ସେହି କର୍ମଚାରୀମାନଙ୍କ ପାଇଁ ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ମଞ୍ଜୁର କରିଛନ୍ତି । ସେହିପରି ଅବସ୍ଥାପିତ ନିଜ ମୁଖ୍ୟ କାର୍ଯ୍ୟାଳୟରୁ ଦୂରସ୍ଥାନରେ ମତାଧିକାର ସାବ୍ୟସ୍ତ କରିବାକୁ ପଡୁଥିବା ସରକାରୀ କର୍ମଚାରୀଙ୍କୁ ୨ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ମିଳିବ। ଏନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଚିଠି ଲେଖି ସମସ୍ତ ବିଭାଗ ତଥା ବିଭାଗୀୟ ମୁଖ୍ୟମାନଙ୍କୁ ଜଣାଇଛନ୍ତି । ନିର୍ବାଚନ ପରିଚାଳନାରେ ନିୟୋଜିତ କର୍ମଚାରୀମାନେ ନିର୍ବାହ କରୁଥିବା କାର୍ଯ୍ୟ କଷ୍ଟକର ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଯେଉଁ ସରକାରୀ କର୍ମଚାରୀମାନେ ସାଧାରଣ ନିର୍ବାଚନ-୨୦୨୪ କାର୍ଯ୍ୟରେ ନିୟୋଜିତ ହେବେ, ସେମାନଙ୍କୁ ଡ୍ୟୁଟି ପରେ ଗୋଟିଏ ଦିନ ସ୍ୱତନ୍ତ୍ର ସାମୟିକ ଛୁଟି ଦିଆଯିବ। ସେମାନଙ୍କୁ କ୍ୟାଲେଣ୍ଡର ବର୍ଷରେ ସାଧାରଣତଃ ଗ୍ରହଣୀୟ ସାମୟିକ ଛୁଟି ବା କାଜୁଆଲ ଲିଭ ଏବଂ ସ୍ୱତନ୍ତ୍ର ଛୁଟି ବା ସ୍ପେସାଲ ସିଏଲ ବ୍ୟତୀତ ଏହି ସ୍ୱତନ୍ତ୍ର ସାମୟିକ ଛୁଟି ଦିଆଯିବ।



ଏଥିପାଇଁ ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି କାର୍ଯ୍ୟାଳୟ ମୁଖ୍ୟଙ୍କ ବିଚାର ଓ ନିଷ୍ପତ୍ତି ଆଧାରରେ ଏହି ଛୁଟି ଦିଆଯିବ। ତଦନୁସାରେ ସମସ୍ତ ଅଧସ୍ତନ କାର୍ଯ୍ୟାଳୟଗୁଡିକୁ ମଧ୍ୟ ଅବଗତ କରାଯିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ରାଜ୍ୟର ସମସ୍ତ ରାଜସ୍ୱ ଆୟୁକ୍ତ ବା ଆରଡିସି ଏବଂ ସମସ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅବଗତ କରାଯାଇଛି । ସେହିପରି ଯେଉଁ ସରକାରୀ କର୍ମଚାରୀ ଅବସ୍ଥାପିତ ମୁଖ୍ୟାଳୟରୁ ଦୂରସ୍ଥାନରେ ମତାଧିକାର ସାବ୍ୟସ୍ତ କରିବେ, ସେମାନଙ୍କୁ ପୂର୍ବ ନିର୍ବାଚନ ସମୟରେ ସର୍ବାଧିକ ଦୁଇ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟିକୁ ଅନୁମତି ମିଳିଛି । ରାଜ୍ୟରେ ମେ' ୧୩ ତାରିଖ ସୋମବାର, ୨୦ ତାରିଖ ସୋମବାର, ୨୫ ତାରିଖ ଶନିବାର ଏବଂ ଜୁନ ୧ ତାରିଖ ଶନିବାରରେ ପର୍ଯ୍ୟାୟକ୍ରମେ ମତଦାନ ଅନୁଷ୍ଠିତ ହେବ। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ସମାନ ସୁବିଧା ମିଳିବ ବୋଲି ନିଷ୍ପତ୍ତି ନିଆଯାଇଛି। ମତଦାନ ଦିନ ସମସ୍ତ ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସରକାରୀ ଛୁଟି ଘୋଷଣା କରାଯାଇଛି । କିନ୍ତୁ ସରକାରୀ କର୍ମଚାରୀ, ଯେଉଁମାନେ ସେମାନଙ୍କ ମତଦାନ କେନ୍ଦ୍ରଠାରୁ ଦୂର ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି, ସେମାନଙ୍କୁ ଭୋଟ୍ ଦେବା ପାଇଁ ସେଠାକୁ ଯିବାକୁ ପଡୁଥିବାରୁ ଉପରୋକ୍ତ ଦିବସ ଗୁଡିକରେ କର୍ମଚାରୀମାନଙ୍କୁ ଆବଶ୍ୟକ ସ୍ଥଳେ ଦୁଇ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟି ଅନୁମତି ପ୍ରଦାନ କରାଯିବ। ଯେଉଁ କର୍ମଚାରୀମାନେ କାର୍ଯ୍ୟରତ ମୁଖ୍ୟାଳୟରୁ ଦୂରରେ ଥିବା ମତଦାନ କେନ୍ଦ୍ରରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି, କିନ୍ତୁ ସେଦିନ ସେମାନଙ୍କର କାର୍ଯ୍ୟାଳୟ ଥିବା ନିର୍ବାଚନ ମଣ୍ଡଳୀରେ ମତଦାନ ହେଉନଥିବାରୁ ଛୁଟି ପାଉନାହାନ୍ତି, ସେମାନଙ୍କୁ ମତଦାନ ପରବର୍ତ୍ତୀ ଦିନ ଆଉ ଗୋଟିଏ ଦିନ ପାଇଁ ସ୍ୱତନ୍ତ୍ର ସାମୟିକ ଛୁଟି ପ୍ରଦାନ କରାଯିବ । ମଞ୍ଜୁର ହେବାକୁ ଥିବା ଛୁଟିଗୁଡ଼ିକୁ ସ୍ୱତନ୍ତ୍ର ସାମୟିକ ଛୁଟି ଭାବରେ ବିବେଚନା କରାଯିବ । ଯାହା କ୍ୟାଲେଣ୍ଡର ବର୍ଷରେ ଜଣେ ସରକାରୀ କର୍ମଚାରୀଙ୍କ ପାଇଁ ସାଧାରଣତଃ ଗ୍ରହଣୀୟ ୧୫ ଦିନର କାଜୁଆଲ ଛୁଟି ଏବଂ ସ୍ପେଶାଲ କାଜୁଆଲ ଛୁଟିର ସମୁଦାୟ ଅବଧିକୁ ହିସାବରେ ବିଚାରକୁ ନିଆଯିବ ନାହିଁ । ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ଆଧାରରେ କର୍ମଚାରୀଙ୍କ ଲିଖିତ ଆବେଦନକୁ ବିଚାରକୁ ନେବା ପାଇଁ ଯଥେଷ୍ଟ ହେବ। ସରକାରୀ କାର୍ଯ୍ୟରେ କ୍ଷତି ନ ପହଞ୍ଚାଇ କର୍ମଚାରୀମାନଙ୍କୁ କିପରି ଛୁଟି ପ୍ରଦାନ କରାଯାଇପାରିବ, ସେ ସମ୍ପର୍କରେ ଛୁଟି ମଞ୍ଜୁରକାରୀ କର୍ତ୍ତୃପକ୍ଷ ଧ୍ୟାନ ଦେବେ । ସାଧାରଣତଃ କର୍ମଚାରୀମାନେ ସେମାନଙ୍କ ମତାଧିକାର ପ୍ରୟୋଗରେ ଯେପରି ଅସୁବିଧାର ସମ୍ମୁଖୀନ ନହେବେ, ସେ ସମ୍ପର୍କରେ ଦୃଷ୍ଟି ଦେବାକୁ ବିଭାଗୀୟ ମୁଖ୍ୟ, ସରକାରୀ ଉଦ୍ୟୋଗ, ନିଗମ ଓ ବୋର୍ଡର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି । ସେହି ଅନୁଯାୟୀ ସବ-ଅର୍ଡିନେଟ ଅଫିସଗୁଡ଼ିକୁ ମଧ୍ୟ ଅବଗତ କରାଯିବା ନେଇ ଚିଠିରେ ଉଲ୍ଲେଖ ରହିଛି ।

## ଡିଜିପିଙ୍କ କଡ଼ା ନିର୍ଦ୍ଦେଶ : ନିର୍ବାଚନ ପୂର୍ବରୁ ଭୟଙ୍କର ହେଉଛି ସ୍ଥିତି

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ସାଂଘାତିକ ରୂପ ନେଉଛି ପିଲା ଚୋରି ଗୁଜବ । ସୋସିଆଲ୍ ମିଡିଆରେ ଏନେଇ ଗୁଜବ ପ୍ରଚାରିତ ହେବା ପରେ ଲୋକେ ସ୍ଥାନୀୟ ଅଞ୍ଚଳରେ ଅଜଣା ବ୍ୟକ୍ତିଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ପୁରୀ, ଗଞ୍ଜାମ, କଟକ ପରେ ଏବେ ଭୁବନେଶ୍ୱରରେ। ଆଇନକୁ ହାତକୁ ନେଇ ନିରୀହଙ୍କୁ ପିଟୁଛନ୍ତି ଲୋକେ। ଏନେଇ ଆଇନଶୃଙ୍ଖଳା ଭଳି ପରିସ୍ଥିତି ଏବେ ଉପୁଜିଛି। ନିର୍ବାଚନ ପୂର୍ବରୁ ଏଭଳି ସ୍ଥିତି ନେଇ ଚିନ୍ତାରେ ପୋଲିସ। ଏନେଇ ଡିଜିପି ସମସ୍ତ ଜିଲ୍ଲାର ଏସପି ଓ ଡିସିପିଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଡିଜିପି ଅରୁଣ କୁମାର ଷଡଙ୍ଗୀ କହିଛନ୍ତି, ପିଲା ଚୋରି ଗୁଜବ ଖବର ଗାଁମାନଙ୍କରେ କିଛି ନୂଆ କଥା ନୁହେଁ । କିନ୍ତୁ ବର୍ତ୍ତମାନ ମିଡ଼ିଆ ଓ ସୋସିଆଲ ମିଡିଆ ଯୋଗୁଁ ଲୋକେ ବେଶି ମାତ୍ରାରେ ଜାଣି ପାରୁଛନ୍ତି। ଯେଉଁ ଲୋକ ସନ୍ଦେହ କରି ପିଲା ଚୋରି ଭଳି ଧରୁଛନ୍ତି ଆକ୍ରମଣ କରୁଛନ୍ତି ଏଇଟା ଠିକ୍ ନୁହେଁ। ଆମେ ବିହିତ ପଦକ୍ଷେପ ନେଇଛୁ ଯଦି ଗୁଜବ ହୁଏ ସମସ୍ତଙ୍କୁ ସାବଧାନ ହେବାକୁ ପଡିବ। ତେବେ ପିଲା ଚୋରିର ଗୁଜବ ପରେ ଏ ନେଇ ଏବେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଅନେକ କଲ୍ ଆସୁଛି। ଲୋକେ ଆଇନକୁ ହାତକୁ ନେଇ କେଉଁଠି କାହାକୁ ଆକ୍ରମଣ କଲେଣି, କାହାକୁ ବାନ୍ଧି ମାଡ଼ ମାରି ଲହୁଲୁହାଣ କରୁଛନ୍ତି, ଯାହାର କ୍ରମରେ ଭୁବନେଶ୍ୱର ଏବେ ଲଗାତାର କେତୋଟି ଘଟଣା ନଜର ଆସିଛି। ଭୁବନେଶ୍ୱର ମୈତ୍ରୀ ବିହାର ଥାନା, ଶୈଳଶ୍ରୀ ବିହାର, ଇନଫୋସିଟି ଥାନା ଓ ମଞ୍ଚେଶ୍ୱର ଥାନା ପଲାଶୁଣି ଅଞ୍ଚଳରୁ ଏଭଳି ଘଟଣା ଆସିବା ପରେ ପୋଲିସ କିଛି ମହିଳା ଓ ନିରୀହ ଲୋକଙ୍କୁ ଲୋକଙ୍କ ଆକ୍ରୋଶରୁ ଉଦ୍ଧାର କରିଛି । ତେବେ ଏହି ଘଟଣା ଏବେ ଏକ ପ୍ରକାର ଚିନ୍ତା ଜନକ ବିଷୟ ହୋଇଛି।

## ଖରା ପାଇଁ ନନ୍ଦନକାନନରେ ସ୍ୱତନ୍ତ୍ର ବ୍ୟବସ୍ଥା

# ଲାଗିଛି କୁଲର, ପଶୁଙ୍କ ଖାଦ୍ୟରେ ତରଭୁଜ ସହ ସୁପର ଫ୍ରୁଟ୍ସ




**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ପ୍ରବଳ ଖରାରେ ସିଝୁଛି ସାରା ଓଡ଼ିଶା। ଆକାଶରୁ ହେଉଛି ଅଗ୍ନି ବର୍ଷା। ଉପକୂଳରୁ ଉପାନ୍ତ ସବୁଠି କଳବଳ କରୁଛି ଟାଣ ଖରା। ଏହାକୁ ନେଇ ଅଂଶୁଘାତ ମୁକାବିଲା ପାଇଁ ଏସଆରସି ନିର୍ଦ୍ଦେଶାବଳୀ ଜାରି କରିଥିବା ବେଳେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ପଶୁପକ୍ଷୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଡାକ୍ତରଙ୍କ ପରାମର୍ଶରେ ଜୀବ ଜନ୍ତୁଙ୍କୁ ତରଭୁଜ, ଆଖୁ ଭଳି ଗ୍ରୀଷ୍ମ ନିରୋଧୀ ଖାଦ୍ୟ ସମେତ ଆଣ୍ଟି ହିଟ୍ ମେଡିସିନ ଦିଆଯାଉଛି। ଏନକ୍ଲୋଜର ଗୁଡ଼ିକୁ ବାଉଁଶ ଚାଟି ଓ ବେଣାଚେର ସ୍କ୍ରିନରେ ଘୋଡ଼ାଯାଉଛି। ସବୁ ଏନକ୍ଲୋଜରକୁ ୨୪ ଘଣ୍ଟିଆ ପାଣି ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ଖରା ଦାଉରୁ ରକ୍ଷା କରିବାକୁ ସିମ୍ପାଞ୍ଜି ଓ ଗିବନ୍ ପାଇଁ କୁଲର ବ୍ୟବସ୍ଥା ହୋଇଛି। ଭାଲୁ ପାଇଁ ବରଫ ଓ ପାଣିରେ ବୁଡ଼ି ରହିବା ଭଳି ବ୍ୟବସ୍ଥା ହୋଇଛି। ସେହିପରି ପକ୍ଷୀମାନଙ୍କ ପାଇଁ କୃତ୍ରିମ ଝରଣା ଓ ସିଞ୍ଚନ ବ୍ୟବସ୍ଥା ହୋଇଛି। ଅଧିକ ତାପମାତ୍ରା ହେଲେ ଜୀବଜନ୍ତୁ ସଂକ୍ରମିତ ହୋଇଥାନ୍ତି। ତେଣୁ ଜୀବଜନ୍ତୁଙ୍କୁ ଖରା ସମୟରେ ଖୁଆଡ଼ ଭିତରକୁ ନଛାଡ଼ିବାକୁ ନିଷ୍ପତ୍ତି ହୋଇଛି। ଏହାଛଡ଼ା ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସ୍ଥାନରେ ୫ଟି ଥଣ୍ଡା ପିଇବା ପାଣି କିଓସ୍କ ସମେତ ମୋଟ ୧୪ଟି ପାନୀୟ ଜଳ କିଓସ୍କ ରହିଛି। ଆଉ କିଛି ନୂଆ କିଓସ୍କ ଲଗାଯିବାର ବ୍ୟବସ୍ଥା ମଧ୍ୟ କରାଯାଉଛି। ସୂଚନା ଅନୁଯାୟୀ, ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୬୬ଟି ପ୍ରଜାତିର ପାଖାପାଖି ୧୬୬୦ଟି ଜୀବଜନ୍ତୁ ଅଧିବାସ କରନ୍ତି। ଏଥିରେ ୬୭ଟି ପ୍ରଜାତିର ସ୍ତନ୍ୟପାୟୀ, ୮୧ ପ୍ରଜାତିର ପକ୍ଷୀ ଓ ୧୮ ଟି ପ୍ରଜାତିର ସରୀସୃପ ରହିଛନ୍ତି । ଏମାନଙ୍କ ପାଇଁ କାଞ୍ଜିଆ ହ୍ରଦ ରହିଥିବାରୁ ନନ୍ଦନକାନନକୁ ପାଣିର କେବେ ବି ଅସୁବିଧା ହୋଇନାହିଁ ବୋଲି କହିଛନ୍ତି ନନ୍ଦନକାନନ ନିର୍ଦ୍ଦେଶକ ।

# କିମ୍ସରେ ପ୍ରୋଷ୍ଟେଟ୍ କର୍କଟ ରୋଗର ସଫଳ ଚିକିତ୍ସା

**ଭୁବନେଶ୍ୱର,୩।୪ ନ୍ୟୁଜ ବ୍ୟୁରୋ**

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍ସ) ଭୁବନେଶ୍ୱରର ଡାକ୍ତରଙ୍କୁ ପ୍ରୋଷ୍ଟେଟ୍ କର୍କଟ ରୋଗ ଚିକିତ୍ସାରେ ମିଳିଛି ସଫଳତା। ଜଣେ ୬୧ ବର୍ଷୀୟ ରୋଗୀ ଅତ୍ୟାଧୁନିକ ଲାପାରୋ-ସ୍କୋପିକ୍ ଅସ୍ତ୍ରୋପଚାର ମାଧ୍ୟମରେ ପ୍ରୋଷ୍ଟେଟ୍ କର୍କଟ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଛନ୍ତି । ପୂର୍ବରୁ ଏଭଳି ରୋଗର ଚିକିତ୍ସା ପାଇଁ ରୋଗୀମାନଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡୁଥିଲା। ଏହି ସଫଳ ଚିକିତ୍ସା ପରେ କିମ୍ସରେ ପ୍ରୋଷ୍ଟେଟ୍ କର୍କଟ ରୋଗ ଚିକିତ୍ସା ନିମନ୍ତେ ରୋଗୀଙ୍କ ମଧ୍ୟରେ ଆଶା ଜାଗ୍ରତ ହୋଇଛି। ଜନୈକ ବ୍ୟକ୍ତି ପ୍ରୋଷ୍ଟେଟ୍ ସମସ୍ୟା ନେଇ କିମ୍ସର ଆସୋସିଏଟ୍ ପ୍ରଫେସର ତଥା ୟୁରୋଲୋଜି ବିଭାଗ ମୁଖ୍ୟ ଡାକ୍ତର ସୁମନ୍ତ ମିଶ୍ରଙ୍କ ନିକଟକୁ ଆସିଥିଲେ।



ଡା. ମିଶ୍ର ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ରୋଗୀଙ୍କଠାରେ ପ୍ରୋଷ୍ଟେଟ୍-ସ୍ପେସିଫିକ୍ ଆଣ୍ଟିଜେନ୍ (ପିଏସ୍ଏ) ଅଧିକ ଥିବା ଜାଣିବାକୁ ପାଇଥିଲେ। ତାଙ୍କର ପ୍ରୋଷ୍ଟେଟ୍ କର୍କଟ ଆଶଙ୍କା କରି ଟିଆରୟୁଏସ୍-ଗାଇଡେଡ୍ ପ୍ରୋଷ୍ଟେଟ୍ ବାୟୋପ୍‌ସି ଏବଂ ପିଏସ୍‌ଏମ୍‌ଏ ପେଟ୍-ସ୍କାନ୍ କରାଯାଇଥିଲା। ସେଥିରୁ ତାଙ୍କର ପ୍ରୋଷ୍ଟେଟ୍ କର୍କଟ ହୋଇଥିବା ଜଣାପଡ଼ିଥିଲା। ଏହା ଡାକ୍ତରଙ୍କ ଚିନ୍ତା ବଢ଼ାଇଥିଲେ ମଧ୍ୟ ଡା. ମିଶ୍ର ରୋଗୀଙ୍କ ଅତ୍ୟାଧୁନିକ ଲାପ୍ରୋ-ସ୍କୋପିକ୍ ରେଡିକାଲ୍ ପ୍ରୋଷ୍ଟେଟେ-କ୍ଟୋମି ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଅସ୍ତ୍ରୋପଚାର ମଧ୍ୟ କରିଥିଲେ। ଡା. ମିଶ୍ରଙ୍କ ନେତୃତ୍ୱରେ ଏକ ଡ଼ାକ୍ତରୀ ଦଳ ସ୍ୱତନ୍ତ୍ର ଲାପାରୋସ୍କୋପିକ୍ ରାଡିକାଲ୍ ପ୍ରୋଷ୍ଟେଟେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର କରି ରୋଗୀଙ୍କଠାରେ ସଫଳତାର ସହ କର୍କଟ କୋଷ ସହିତ ପ୍ରୋଷ୍ଟେଟ୍ ଗ୍ରନ୍ଥିକୁ ସମ୍ପୂର୍ଣ୍ଣ ଭାବରେ ଅପସାରଣ କରିଥିଲେ ଏବଂ ମୂତ୍ରାଶୟକୁ ମୂତ୍ରନଳୀ ସହିତ ପୁନଃ ସଂଯୋଗ କରିଥିଲେ। ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ଯୋଗୁଁ ରୋଗୀ ଶୀଘ୍ର ଆରୋଗ୍ୟ ଲାଭ କରିଥିଲେ ଏବଂ ୪ ଦିନ ପରେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିଲେ । ଏବେ ରୋଗୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ପରିସ୍ରା କରିବାରେ କୌଣସି ସମସ୍ୟା ହୋଇନାହିଁ। ଲାପାରୋସ୍କୋପିକ୍ ରେଡିକାଲ୍ ପ୍ରୋଷ୍ଟେଟେକ୍ଟୋମି ପାଇଁ ଉନ୍ନତ ଲାପାରୋସ୍କୋପିକ୍ କୌଶଳ, ଉଚ୍ଚସ୍ତରର ଅସ୍ତ୍ରୋପଚାର ଦକ୍ଷତା ଏବଂ ଅତ୍ୟାଧୁନିକ ଉପକରଣ ଆବଶ୍ୟକ । ପୂର୍ବରୁ ଓଡ଼ିଶାରେ ଏଭଳି ଚିକିତ୍ସାର ଅଭାବ ଯୋଗୁଁ ରୋଗୀମାନେ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଥିଲେ। କିମ୍ସ କର୍କଟ କେନ୍ଦ୍ରରେ ଉପଲବ୍ଧ ଅତ୍ୟାଧୁନିକ ଉପକରଣ ଯଥା ପିଏସ୍‌ଏମ୍‌ଏ ପେଟ୍-ସ୍କାନ୍, ଟ୍ରସ୍ ଗାଇଡେଡ୍ ବାୟୋପ୍‌ସି ଏବଂ ଡା ମିଶ୍ରଙ୍କ ନେତୃତ୍ୱରେ ୟୁରୋଲୋଜିଷ୍ଟଙ୍କ ଏକ ଦକ୍ଷ ଦଳ ଯୋଗୁଁ ଏହି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି । ପ୍ରୋଷ୍ଟେଟ୍ କର୍କଟ ପୁରୁଷଙ୍କଠାରେ ଦ୍ୱିତୀୟ ସର୍ବାଧିକ ସାଧାରଣ କର୍କଟ ଏବଂ କର୍କଟ ଜନିତ ମୃତ୍ୟୁରେ ଷଷ୍ଠ ସ୍ଥାନରେ ରହିଛି। ପ୍ରତି ୮ ପୁରୁଷଙ୍କ ମଧ୍ୟରୁ ଜଣଙ୍କ ନିକଟରେ ପ୍ରୋଷ୍ଟେଟ୍ କର୍କଟ ରୋଗ ହେବାର ସମ୍ଭାବନା ରହିଥାଏ ବୋଲି ଡା. ମିଶ୍ର କହିଛନ୍ତି । ପ୍ରୋଷ୍ଟେଟ କର୍କଟ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀର ଜୀବନ ରକ୍ଷା କରାଯାଇ ପାରିବ। ଯଦି ଠିକ୍ ଭାବରେ ରୋଗ ନିର୍ଣ୍ଣୟ କରା ନଯାଏ, ତେବେ ଏହା ହାଡ଼ ଏବଂ ଅନ୍ୟାନ୍ୟ ଅଙ୍ଗରେ ମେଟାଷ୍ଟେସାଇଜ୍ ହୋଇପାରେ, ଯାହା ରୋଗୀର ଜୀବନକାଳକୁ ମଧ୍ୟ ଯଥେଷ୍ଟ ହ୍ରାସ କରିପାରେ ବୋଲି ଡା. ମିଶ୍ର କହିଛନ୍ତି। ଏହି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଏବଂ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଡା. ମିଶ୍ର ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

## ପୁରୀରେ ଯୁବକଙ୍କୁ ବୀଭତ୍ସ ହତ୍ୟା, କାରଣ ଖୋଜୁଛି ପୋଲିସ

**ପୁରୀ, ୩/୪ ନ୍ୟୁଜ ବ୍ୟୁରୋ**

ପୁରୀ ସହରର ସି ବିଚ୍ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ରୋଡ୍‌ରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି। ରାସ୍ତାକଡରୁ ଉଦ୍ଧାର ହୋଇଛି ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ। ମୃତକ ହେଲେ ପେଣ୍ଟକଟା ମେରାଇନ୍ ଥାନା ବାଲି ଗୁଆଳି ଗ୍ରାମର ବିକ୍ରମ କେଶରୀ ପ୍ରଧାନ ଏବଂ ସେ ଏକ ହୋଟେଲରେ କାମ କରୁଥିବା ଜଣାପଡିଛି । ତେବେ ତାଙ୍କୁ କିଏ ଏବଂ କାହିଁକି ହତ୍ୟା କଲା ସେନେଇ କିଛି ଜଣାପଡିନି। ଖବର ପାଇ ସ୍ଥାନୀୟ ପୁରୀ ସି ବିଚ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିଜେ ଅତିରିକ୍ତ ଏସ୍‌ପି ସୁଶିଳ ମିଶ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା କରାଯାଇଛି ନା ଆଉ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାହା ପୋଲିସ୍ ଛାନଭିନ୍ କରୁଛି ।

# ଅଭୟାରଣ୍ୟକୁ ପଲିଥିନ୍ ମନା

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ଅଭୟାରଣ୍ୟ ଭିତରକୁ ଯାଆସ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ କରିବା ସହ ପଲିଥିନ ବ୍ୟବହାର ନକରିବାକୁ ସଚେତନ କରାଉଛନ୍ତି ବନ କର୍ମଚାରୀ। ରାଜ୍ୟର ଜାତୀୟ ଉଦ୍ୟାନ ତଥା ଅଭୟାରଣ୍ୟ, ଇକୋ ଟୁରିଜିମ୍ ସ୍ଥଳୀ ଗୁଡ଼ିକରେ ଆଉ ପ୍ଲାଷ୍ଟିକ ବ୍ୟବହାର ହେବନି। ପଲିଥିନ୍ ଓ ପ୍ଲାଷ୍ଟିକ୍ ମୁକ୍ତ ହେଲା ଅଭୟାରଣ୍ୟ। ଏସମସ୍ତ ସ୍ଥାନରେ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟାନ କରାଯାଇଛି।

ସେହିପରି ଏସବୁ ସ୍ଥାନରେ ପର୍ଯ୍ୟଟକଙ୍କ ଲାଗି ପିଇବା ପାଣିର ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଜଣାପଡ଼ିଛି। ଏହି କ୍ରମରେ ସୁନାବେଡ଼ା ଅଭୟାରଣ୍ୟରେ ବି ବନବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଅଭିଯାନ।



ଅଭୟାରଣ୍ୟର ୩ ପ୍ରବେଶ ପଥ ଟେରେଚୁଆଁ, ଭରୁଆମୁଣ୍ଡା ଓ କେରମେଲି ଚେକ୍‌ଗେଟ୍‌ରେ କଡ଼ାକଡ଼ି ଯାଞ୍ଚ ଆରମ୍ଭ ହୋଇଛି।

ଅଭୟାରଣ୍ୟ ଭିତରକୁ ଯାଆସ କରୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ କରିବା ସହ ପଲିଥିନ ବ୍ୟବହାର ନକରିବାକୁ ସଚେତନ କରାଉଛନ୍ତି ବନ କର୍ମଚାରୀ। ପୂର୍ବରୁ ପର୍ଯ୍ୟଟକମାନେ ଅଭୟାରଣ୍ୟରେ ଏଣେତେଣେ ପଲିଥିନ୍ ଫିଙ୍ଗି ଦେଉଥିବାରୁ ବନ୍ୟଜନ୍ତୁମାନେ ପଲିଥିନ୍ ଖାଇ ମୃତ୍ୟୁ ମୁଖରେ ପଡୁଥିଲେ। ଏଣୁ ପଲିଥିନ ବ୍ୟବହାର ବନ୍ଦ କରିବା ସହ ଅଭୟାରଣ୍ୟ ମଧ୍ୟରେ ଥିବା ଡଷ୍ଟବିନର ବ୍ୟବହାର କରିବାକୁ ବନବିଭାଗ ପରାମର୍ଶ ଦେଇଛି।

# ଏସ୍‌ସିବିରେ ଅଗ୍ନିନିରାପତ୍ତା ବ୍ୟବସ୍ଥା: ୧୦ କୋଟିର ଯୋଜନା, ସ୍ୱାସ୍ଥ୍ୟ ବିଭାଗର ମୋହର

**କଟକ, ୩/୪ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟଙ୍କ ତାଗିଦ୍ ପରେ କଟକ ବଡ଼ଡାକ୍ତରଖାନା ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଥା ଭିତ୍ତିଭୂମି ପ୍ରସ୍ତୁତି ପାଇଁ ପାଖାପାଖି ୧୦କୋଟି ଟଙ୍କା ମଞ୍ଜୁର କରିଛି ସ୍ୱାସ୍ଥ୍ୟ ବିଭାଗ। ହୃଦ୍‌ରୋଗ ବିଭାଗର ୪ ମହଲା କୋଠାର ଅଗ୍ନିନିରାପତ୍ତା ବ୍ୟବସ୍ଥା ଓ ଆଲାରାମ୍ ସିଷ୍ଟମ୍ ପାଇଁ ୧ କୋଟି ୮୨ ଲକ୍ଷ ୬୯ ହଜାର ୩୭୨ ଟଙ୍କା ମଞ୍ଜୁର କରାଯାଇ ଥିବା ବେଳେ ଏସ୍‌ସିବି ପୁରୁଣା ମେଡିସିନ୍ କୋଠା ପାଇଁ ୧ କୋଟି ୭୩ ଲକ୍ଷ ୬୯ ହଜାର ୭୮୦ ଟଙ୍କା, ସର୍ଜରୀ ବିଭାଗ ପାଇଁ ୧ କୋଟି ୬୭ ଲକ୍ଷ ୫୨ ହଜାର ୫୯ ଟଙ୍କା, ବାୟୋକେମିଷ୍ଟ୍ରି ବିଭାଗ ପାଇଁ ୧ କୋଟି ୭ ଲକ୍ଷ ୨୯ ହଜାର ଟଙ୍କା, ଅର୍ଥୋପେଡିକ୍ ବିଭାଗ ପାଇଁ ୧ କୋଟି ୪୦ ଲକ୍ଷ ୬୪ ହଜାର ଟଙ୍କା, ଭିଆରଡିଏଲ୍ ବିଭାଗ ପାଇଁ ୧ କୋଟି




୬ ଲକ୍ଷ ୫୮ ହଜାର ଟଙ୍କା, ବର୍ଣ୍ଣ ୟୁନିଟ୍ ପାଇଁ ୧ କୋଟି ୨୩ ଲକ୍ଷ ୧୨ ହଜାର ଟଙ୍କା, ସ୍କିନ୍ ଓ ଭିଡି ପାଇଁ ୧ କୋଟି ୪୫ଲକ୍ଷ ୮୩ ହଜାର ଟଙ୍କା ମଞ୍ଜୁର ହୋଇଛି। ସେହିପରି ପେଡିଆଟ୍ରିକ, ନ୍ୟୁରୋଲୋଜି, ନେଫ୍ରୋଲୋଜି ଓ ଗ୍ୟାଷ୍ଟ୍ରୋଲୋଜି ବିଭାଗ ପାଇଁ ୧ କୋଟି ୩୪ ଲକ୍ଷ ୮୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ଟ୍ରମା କାଜୁଆଲିଟିରେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବ। ୨୦୨୩-୨୪ ପାଇଁ ଏହି ଅର୍ଥ ମଞ୍ଜୁର କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଆସନ୍ତା ୩ ମାସ ମଧ୍ୟରେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗରେ ଅଧିକ ସଂଖ୍ୟାରେ ଅଗ୍ନି ନିର୍ବାପକ ଯନ୍ତ୍ର, ଫାୟାର ବଲ୍ ଆଦି ମହଜୁଦ ରଖାଯିବ। ସେହିପରି ୬ମାସ ମଧ୍ୟରେ ବିଭିନ୍ନ କୋଠାରେ ଉପଯୁକ୍ତ ଅଗ୍ନିନିରାପତ୍ତା ବ୍ୟବସ୍ଥା ପାଇଁ କେତେକ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇ ସମ୍ପୂର୍ଣ୍ଣ କରାଯିବ। ୬୨ଟି କୋଠାରେ ଅଗ୍ନିନିରାପତ୍ତା ବ୍ୟବସ୍ଥା ପାଇଁ ଆବଶ୍ୟକ ହେଉଥିବା କିଛି ପରିବର୍ତ୍ତନ କରାଯିବାକୁ ଥିବା ବେଳେ ଏହି ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଫାୟାର ପଣ୍ଡ, ଅଣ୍ଡରଗ୍ରାଉଣ୍ଡ ସେପ୍ଟିକ ଟ୍ୟାଙ୍କ, ସ୍ମୋକ ଡିଟେକ୍ଟର ଆଦି ଉପଲବ୍ଧ ହେବ। ସେହିପରି ଆଇସିୟୁ ଗୁଡିକରେ ୩୦ରୁ ଅଧିକ ଶଯ୍ୟା ରଖା ନଯିବା ଓ କୋଠାଗୁଡିକ ପାଇଁ ଦ୍ୱିତୀୟ ଷ୍ଟେୟାରକେସ ସୁବିଧା ଗ୍ରହଣ କରାଯିବା ଉପରେ ରିପୋର୍ଟରେ ଉଲ୍ଲେଖ ରହିଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପୂର୍ତ୍ତବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇ ଡିଏମ୍‌ଇଟିଙ୍କ ଅନୁମୋଦନ ପାଇଁ ପଠାଯାଇଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଜଙ୍ଗଲରେ ଶୃଙ୍ଖଳା ପଡ଼ିଛି ଜଳାଶୟ : ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ନେଇ ବ୍ୟାପକ ବ୍ୟବସ୍ଥା

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ବଢି ଚାଲିଛି ଗ୍ରୀଷ୍ମ ପ୍ରବାହ। ଅସହ୍ୟ ତାତିରେ ଅସ୍ତବ୍ୟସ୍ତ ଜନଜୀବନ। ଖରାର ପ୍ରକୋପରେ ମଣିଷ ଠାରୁ ଆରମ୍ଭ କରି ପଶୁପକ୍ଷୀ ଓ ବୃକ୍ଷଲତା ପର୍ଯ୍ୟନ୍ତ ସମସ୍ତେ ସନ୍ତୁଳିତ। ସେପଟେ ରାଜ୍ୟର ଅନେକ ଅଭୟାରଣ୍ୟରେ ଥିବା ପ୍ରାକୃତିକ ନାଳ ଓ ଜଳାଶୟ ଏବେଠାରୁ ଶୁଖିବା ଆରମ୍ଭ କଲାଣି। ଏପଟେ ପାଣି ପାଇଁ ବନ୍ୟଜନ୍ତୁ ତହଳବିକଳ ହେଉଛନ୍ତି। ଏପରିକି ପାଣି ପାଇଁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଯାଉଥିବା ନଜିର ରହିଛି । ପ୍ରାଣୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜଙ୍ଗଲ ମଧ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଉଥିବା କହିଛନ୍ତି ମୁଖ୍ୟ ବନପ୍ରାଣୀ ସଂରକ୍ଷକ ବିକାଶ ରଞ୍ଜନ ଦାଶ। ଜଙ୍ଗଲରେ ଦେଖା ଦେଇଥିବା ଜଳ ସଂକଟକୁ ନେଇ ବିକାଶ ରଞ୍ଜନ ଦାଶ କହିଛନ୍ତି, 'ଅଂଶୁଘାତକୁ ଦୃଷ୍ଟିରେ ରଖି ବିଭିନ୍ନ ଅଭୟାରଣ୍ୟ, ଜଙ୍ଗଲ ଓ ଚିଡ଼ିଆଖାନାରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ ପାଇଁ ସବୁ ଡିଏଫଓ, ଅଭୟାରଣ୍ୟ ଓ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜଙ୍ଗଲରେ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜଙ୍ଗଲ ମଧ୍ୟରେ ୧୨୦ଟି ନୂଆ ଜଳାଶୟ ଖୋଳାଯାଇଛି । ୨୭୦ଟି ପୁରୁଣା ଜଳାଶୟର ପୁନରୁଦ୍ଧାର ମଧ୍ୟ କରାଯାଇଛି। ଅଧିକ ଜଳ ସଙ୍କଟ ଥିବା ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ଜଳାଶୟରେ ପାଣି ଭରିବାକୁ କୁହାଯାଇଛି। ପାଣି ସନ୍ଧାନରେ ପ୍ରାୟତଃ ବନ୍ୟଜନ୍ତୁମାନେ ନିକଟସ୍ଥ ଜନବସତି ମୁହାଁ ହୋଇଥାନ୍ତି। ଫଳରେ ସେମାନଙ୍କ ପ୍ରତି ବିପଦ ଥାଏ। ଏହାକୁ ଏଡ଼ାଇବା ପାଇଁ ଜଙ୍ଗଲ ମଧ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଉଛି। ତେବେ ରାଜ୍ୟର କେତେକ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ତାପମାତ୍ରା ଆହୁରି ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ଉତ୍ତାପରୁ ରକ୍ଷା ପାଇବାକୁ ଏବଂ ଖାଦ୍ୟ ଓ ପାଣି ଖୋଜିବାକୁ ବନ୍ୟଜନ୍ତୁ ଏବେ ଗାଁ ମୁହାଁ ହେଉଛନ୍ତି ।

## ଆକ୍ସନ ମୋଡରେ ସିଏମ୍‌ସି : ସର୍ବତ ଦୋକାନରେ ସ୍ୱାସ୍ଥ୍ୟ ବିଭାଗର ଚଢଉ

**କଟକ, ୦୩/୦୪, ନ୍ୟୁଜ ବ୍ୟୁରୋ**

କଟକର ବିଭିନ୍ନ ସର୍ବତ ଦୋକାନରେ ଚଢଉ କରି ଯାଞ୍ଚ କରିଛି ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଫୁଡ୍ ସ୍କ୍ୱାଡ଼ ଟିମ୍। ଏହି ଯାଞ୍ଚ ସମୟରେ ସର୍ବତ ଦୋକାନୀମାନେ ଗ୍ଲାସ୍ ଠିକ୍ ଭବେ ସଫା କରୁଛନ୍ତି କି ନାହିଁ, ସର୍ବତରେ ପକାଉଥିବା ଦହି ରାବିଡ଼ି ଶିରା ତା' ସହ ମିଶାଇଥିବା ରଙ୍ଗ ଆଉ ଅତର ଖାଦ୍ୟ ଉପଯୋଗୀ କି ନାହିଁ ତାହା ଯାଞ୍ଚ କରାଯାଇଛି। ତେବେ ଯାଞ୍ଚ ପରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି କିଛି ଦୋକାନୀ ବ୍ୟବହାର କରୁଥିବା ଗ୍ଲାସ୍ ଠିକ୍ ଭବେ ସଫା କରୁ ନାହାନ୍ତି। ତା' ସହିତ ସର୍ବତ ମିଶାଯାଉଥିବା କିଛି ଏସେନ୍ସ ଯାହା ସ୍ୱାସ୍ଥ୍ୟ ଉପାଯୋଗୀ ନୁହେଁ। ତେବେ ସେମାନଙ୍କୁ ପ୍ରଥମ ପର୍ଯ୍ୟାୟ ଏହି ଯାଞ୍ଚ ବେଳେ ବାରଣ କରାଗଲା, ଆଗକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବିଜେଡିରେ ସାମିଲ ହେଲେ ବିଜେପି ଏବଂ କଂଗ୍ରେସର ବହୁ ନେତା ଓ କର୍ମୀ

**ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ କରୁଛି ଅନୁପ୍ରାଣିତ। ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହେଉଛନ୍ତି ବହୁ ନେତା। ବୁଧବାର ବିଜେଡିରେ ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଦଳରେ ସାମିଲ ହେଲେ ଅନ୍ୟ ଦଳର ଶତାଧିକ ନେତା ଓ କର୍ମୀ। ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ହେଭିଓ୍ୱେଟ୍ ନେତା ଓ କର୍ମୀ। ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଥିଲେ ପ୍ରକାଶ ଚନ୍ଦ୍ର ବେହେରା। ବୁଧବାର ସମର୍ଥକଙ୍କ ସହ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି ପ୍ରକାଶ। ଏହି ମିଶ୍ରଣ ପର୍ବରେ ସାଂସଦ ସସ୍ମିତ ପାତ୍ର, ବିଧାୟକ ପ୍ରତାପ ଜେନା, ଅଂଶୁମାନ ମହାନ୍ତି, ବିଧାୟକ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ।

ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ଅନ୍ୟତମ ହେଭିଓ୍ୱେଟ୍ ଭୃଗୁ ବକ୍ସିପାତ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ବିଜେପି ଉପସଭାପତି, ସାଧାରଣ ସମ୍ପାଦକ ରହିଥିବା ଭୃଗୁ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଧାରାରେ ଆକୃଷ୍ଟ ହୋଇ ବିଜେଡିରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି। ଓଡ଼ିଶା ବିଶେଷ କରି ଦକ୍ଷିଣ ଓଡ଼ିଶାରେ ବିଜେଡି ଅଧିକ ସୁସଂଗଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ସାଂସଦ ସସ୍ମିତ ପାତ୍ର, ମିଡ଼ିଆ ସଂଯୋଜକ ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

ସେହିପରି ବିଜେଡିରେ ମିଶିଲେ ରୋହିତ ଜୋଶେଫ ତିର୍କୀ। ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ସାଂସଦ ସସ୍ମିତ ପାତ୍ର। ୨୦୧୯ ନିର୍ବାଚନରେ ବୀରମିତ୍ରପୁରରୁ




କଂଗ୍ରେସ ପ୍ରାର୍ଥୀ ଥିବା ରୋହିତଙ୍କ ବାପା ଜର୍ଜ ତିର୍କୀ ଜଣେ ବିଶିଷ୍ଟ ଆଦିବାସୀ ନେତା। ତାଙ୍କର ଯୋଗଦାନ ଦଳକୁ ଆହୁରି ଶକ୍ତିଶାଳୀ କରିବ ବୋଲି କହିଛନ୍ତି ମନ୍ତ୍ରୀ ସାରଦା ନାୟକ। ସୁନ୍ଦରଗଡ଼ରେ ହକି, ଶିକ୍ଷା ସବୁ ବିକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେଥିରେ ଅନୁପ୍ରାଣିତ ହୋଇ ରୋହିତ ବିଜେଡିରେ ମିଶିଛନ୍ତି ବୋଲି କହିଛନ୍ତି ସାରଦା। ସେହିପରି ବିଜେଡିରେ ସାମିଲ ହେଲେ କୁଟିଣ୍ଡାର ଭବାନୀ ଶଙ୍କର କାଲୋ। ସେ ଅଖିଳ ଭାରତୀୟ ଗଣ୍ଡ ମହାସଭାର ଉପଦେଷ୍ଟା। ୮.୯୩ ଲକ୍ଷ ଗଣ୍ଡଙ୍କ ଉପଦେଷ୍ଟା । ଗଣ୍ଡ ସମାଜକୁ ଆଗେଇବା ପାଇଁ ସେ ବହୁ ଆଗରୁ କାମ କରି ଆସିଛନ୍ତି। ତାଙ୍କ ଅବଦାନ ଓଡ଼ିଶା ଓ ଗଣ୍ଡ ସମାଜ ପାଇଁ ଗର୍ବର ବିଷୟ। ସେହିପରି ବିଜେଡିରେ ସାମିଲ ହେଲେ ପରିଣୀତା ମିଶ୍ର ଏବଂ ସୁଶାନ୍ତ ମିଶ୍ର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ବରଗଡ଼ ଜିଲ୍ଲା ବିଜେପି ଉପସଭାପତି ରହିଥିଲେ ସୁଶାନ୍ତ। ପଶ୍ଚିମ ଓଡ଼ିଶାରେ ସେ ଜଣେ ଟାଣୁଆଁ ନେତା ଭାବେ ଜଣାଶୁଣା। ୨୦୧୪ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ସେପଟେ ମହିଳା ସଶକ୍ତିକରଣ ଦିଗରେ ପ୍ରମୁଖ ଭୂମିକା ରହିଥିବା ପରିଣିତା ମିଶ୍ର ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି।

ପରଜଙ୍ଗରେ ବିଜେଡି ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁଙ୍କ ସହ ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହେଶ ଚନ୍ଦ୍ର ସୁବାହୁସିଂହଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଦୁଇ ନେତା। ଏହାପରେ ପରଜଙ୍ଗ ବ୍ଲକ ସ୍ଥିତ ଜହ୍ନପଡାଠାରେ ଢେଙ୍କାନାଳ ଲୋକସଭା ପାଇଁ ବିଜେଡି ପ୍ରାର୍ଥୀ ଅବିନାଶ ସାମଲଙ୍କୁ ସମ୍ବର୍ଦ୍ଧିତ ଦିଆଯାଇଥିଲା। ହଜାର ହଜାର ସଂଖ୍ୟାରେ କର୍ମୀ ବିରୋଧୀ ଦଳ ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ପରଜଙ୍ଗରେ ଶୁଭିବ ଯୋଡି ଶଙ୍ଖ। ପରଜଙ୍ଗ ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସାଂସଦ ପ୍ରାର୍ଥୀ ଅବିନାଶ ସାମଲଙ୍କୁ ପରଜଙ୍ଗ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହ ଢେଙ୍କାନାଳ ସାଂସଦ ଭାବେ ଅବିନାଶ ସାମଲ ଓ ପରଜଙ୍ଗ ବିଧାୟକ ଭାବେ ନୃସିଂହ ଚରଣ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାକୁ କର୍ମୀ ଶପଥ ଗ୍ରହଣ କରିଥିଲେ। ସଭାରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଢେଙ୍କାନାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଯୁବନେତା ଅସିତ ରାୟ ଚୌଧୁରୀ, ପରଜଙ୍ଗ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତୀଙ୍କ ସହ ଅଞ୍ଚଳର ପ୍ରମୁଖ ନେତା ଯୋଗ ଦେଇଥିଲେ। ଏହି ଅବସରରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ସଂଖ୍ୟାରେ ନେତା ଓ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଥିଲେ।